୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.73 Bhubaneswar Sunday April 27 2025 | ୨୭ତମ ବର୍ଷ ସଂଖ୍ୟା–୭୩ ଭୁବନେଶ୍ୱର, ରବିବାର, ଅପ୍ରେଲ ୨୭, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ରଥଯାତ୍ରା ପୂର୍ବରୁ ସରିବନି ରତ୍ନଭଣ୍ଡାର ମରାମତି କାର୍ଯ୍ୟ, ୨୯ ଏପ୍ରିଲରୁ ଜୁନ ୨୭ ଯାଏଁ କାମ ବନ୍ଦ





ଭୁବନେଶ୍ୱର,୨୬।୪(ପି.ଏନ): ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତିକୁ ନେଇ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଛି । ୨୯ ଏପ୍ରିଲରୁ ଜୁନ ୨୭ ତାରିଖ ପର୍ଯ୍ୟନ୍ତ ବିଶେଷ ନୀତି ଥିବା କାରଣରୁ ମରାମତି କାର୍ଯ୍ୟ ବନ୍ଦ ରଖାଯିବା ନେଇ ନିଷ୍ପତ୍ତି ନିଆଯାଇଛି । ସେହିପରି ରଥଯାତ୍ରା ପରଦିନ ଠାରୁ ଭିତର ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଭଣ୍ଡାର ଗୃହରେ ୯ଟି ବିମ ସ୍ଥାପନ କରାଯାଇଥିବେଳେ ଆଉ ୫ଟି ବିମ ଲଗାଯିବାକୁ ରହିଛି । ସେପଟେ କାମ ସନ୍ତୋଷ ଜନକ ଥିବା କହିଛନ୍ତି ସେବାୟତ ।ଶ୍ରୀମନ୍ଦିର ପ୍ରଶାସନ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି । ବାହାର ଓ ଭିତର ଚନ୍ଦନ ଯାତ୍ରା, ସ୍ନାନଯାତ୍ରା ଓ ଅନବସର ନୀତି ଯୋଗୁଁ ୨୯ ତାରିଖରୁ ଜୁନ ୨୭ ପର୍ଯ୍ୟନ୍ତ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି କାମ । ଜୁନ ୨୮ରୁ ପୁନଃ ମରାମତି କରାଯାଇ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଭଣ୍ଡାର ଘର ଭିତର ଓ ବାହାରେ ପ୍ରାୟ ୨୭୭ ଖଣ୍ଡ ପଥର ଲଗାଯାଇଛି । ୯ଟି ବକ୍ସ ବିମ ମଧ୍ୟ ସ୍ଥାପନ କରାଯାଇଛି କ୍ଷ ବାକିଥିବା ଆଉ ୫ଟି ବିମ ମଧ୍ୟ ଲଗାଯିବ । ଲେଜର ସ୍କାନିଂ ରିପୋର୍ଟ ଅନୁସାରେ ବୈଷୟିକ କାର୍ଯ୍ୟ କରାଯାଉଥିବା ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ରତ୍ନଭଣ୍ଡାର ଅମୁହା ଦେଉଳର ବାହାର ପାର୍ଶ୍ୱ କେମିକାଲ ୱାସିଂ କରାଯିବା ସହ ମରାମତି ନେଇ ପଦକ୍ଷେପ ନିଆଯିବ । ରଥଯାତ୍ରା ପରେ ବାକି କାମ ସାରିବାକୁ ଲକ୍ଷ୍ୟ ରଖିଛି ଏଏସଆଇ ।ଗତବର୍ଷ ଡିସେମ୍ବର ୧୭ ତାରିଖରୁ ଭିତର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଏସଆଇକୁ ବର୍ତ୍ତମାନ ସୁଦ୍ଧା ୧୯୩ ଘଣ୍ଟା ୫ ମିନିଟ ସମୟ ମିଳିଛି । ନୀତିକାନ୍ତି ହେତୁ ମରାମତି କାମ ଅନେକ ସମୟରେ ବନ୍ଦ ରହିଛି । ସେପଟେ ଶ୍ରୀମନ୍ଦିର ପ୍ରଶାସନ ବୈଠକରେ ମରାମତିକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ସେବାୟତ ।ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ବସିଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଏସଆଇ ଓ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ସମେତ ଦେଉଳ କରଣ, ତଡ଼ଉ କରଣ, ଭଣ୍ଡାର ମେକାପ ଆଦି ଯୋଗ ଦେଇଥିଲେ ।

## ମହାନଦୀ ଜଳ ବିବାଦକୁ ନେଇ ଆଇନ ମନ୍ତ୍ରୀ ଦେଇଥିବା ମନ୍ତବ୍ୟର କଡ଼ା ସମାଲୋଚନା କଲେ ଅରୁଣ ସାହୁ



ଭୁବନେଶ୍ୱର,୨୬।୪(ପି.ଏନ): ମହାନଦୀ ଜଳ ବିବାଦକୁ ନେଇ ଆଇନ ମନ୍ତ୍ରୀ ଦେଇଥିବା ମନ୍ତବ୍ୟର କଡ଼ା ସମାଲୋଚନା କରିଛନ୍ତି ବରିଷ୍ଠ ବିଜେଡି ବିଧାୟକ ଅରୁଣ ସାହୁ । ଡବଲ ଇଞ୍ଜିନ ସରକାର ୨୦୨୪ ନିର୍ବାଚନ ପୂର୍ବରୁ ଚିଲେଇ ଚିଲେଇ କହିଲେ ଆମକୁ ଭୋଟ ଦିଅ ସବୁ ସମସ୍ୟାର ସମାଧାନ କରିବୁ କ୍ଷ ହେଲେ ସରକାରକୁ ଆସିଲା ପରେ ସବୁ ଭୁଲିଗଲେ । ଏବେ ଛତିଶଗଡ଼-କେନ୍ଦ୍ର-ଓଡ଼ିଶାରେ ଟ୍ରିପଲ୍ ଇଞ୍ଜିନ ସରକାର । ଲୋକମାନେ ଆଶା ଓ ଭରସାରେ ଭୋଟ ଦେଇଥିଲେ ମହାନଦୀ, ପୋଲାଭରମ ପ୍ରସଙ୍ଗର ବିଜେପି ସରକାର ସମାଧାନ କରିବେ । ସରକାର ସମାଧାନ କରିବେ କଣ, ସେ ନେଇ ଟିକେ ଚିନ୍ତା ବି ନାହିଁ ବୋଲି କହିଛନ୍ତି ଅରୁଣ । ମହାନଦୀରେ ଆଜି ଟୋପେ ପାଣି ନାହିଁ କ୍ଷ ମରୁଭୂମିରେ ପରିଣତ ହୋଇଛି ମହାନଦୀ । କଲମାର ସବୁ ଗେଟ ବନ୍ଦ କରିଦେଲେ । ଏଯାଏ କୌଣସି ବିଧିବଦ୍ଧ ଆଲୋଚନା କଲେ ନାହିଁ । ଆଉ କେବେ କଥା ହେବେ ସରକାର ବୋଲି ଅରୁଣ ପ୍ରଶ୍ନ କରିଛନ୍ତି ।କେବଳ କେନ୍ଦ୍ରମନ୍ତ୍ରୀଙ୍କ ଗୋଟେ ପାରିବାରିକ କାର୍ଯ୍ୟକ୍ରମରେ ଆସିଥିଲେ ଓଡ଼ିଶା ଆସିଥିଲେ ଛତିଶଗଡ ସରକାର । ସେଠି ଟିକେ ଦେଖାରେ କଣ ଆଲୋଚନା କରିଥିବେ ? ଏମାନେ ମୌକାକୁ ଅପେକ୍ଷା କରିଥାନ୍ତି । ବିଜେପି ସରକାର ହେଉଛି ଭାଣ୍ଡାମୀ, ଭୂଆଁ ବୁଲେଇବା ସରକାର । ରାଜ୍ୟ ସରକାର ବାସ୍ତବତାକୁ ଆସନ୍ତୁ ବୋଲି କହିଛନ୍ତି ଅରୁଣ । ସେହିପରି କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସମାଲୋଚନା କରି କହିଛନ୍ତି, ମହାନଦୀ ପ୍ରସଂଗରେ ରାଜ୍ୟ ସରକାର ଆଉ ବାହାନା ନଦେଖାନ୍ତୁ । ଜଳ ସଂରକ୍ଷଣ କାହିଁକି ଓଡିଶା ସରକାର କରୁନାହାନ୍ତି ? ମହାନଦୀ ଜଳ ବିବାଦର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ସେ ଦାବି କରିଛନ୍ତି । ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ବସି ଆଲୋଚନା କରନ୍ତୁ । ଟ୍ରିପଲ ଇଞ୍ଜିନ ସରକାରବେଳେ ଯଦି ସମସ୍ୟାର ସମାଧାନ ନହେବ, ତ କେବେ ହେବ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି ।

## ଆୟୁଷ୍ମାନ କାର୍ଡକୁ ଭରସା କରି ଜୀବନ ଗଲା, ଦୂର ହେଉନି ମାଳ ମାଳ ଅଭିଯୋଗ



ଭୁବନେଶ୍ୱର,୨୬।୪(ପି.ଏନ): ଆୟୁଷ୍ମାନ ଯୋଜନାରେ ହଇରାଣ ହରକତ ହେଉଛନ୍ତି ଗୁରୁତର ରୋଗୀ । କାରଡ ଥିଲେ ବି ଜୀବନ ପାଉନାହାନ୍ତି ରୋଗୀ । ରୋଗୀଙ୍କୁ ମାରମାର କରୁଛନ୍ତି ଘରୋଇ ହସ୍ପିଟାଲ । ସଫ୍ଟୱେର, ପରିଚାଳନାଗତ ସମସ୍ୟା ଓ ପ୍ୟାକେଜ୍ ଦରକୁ ନେଇ ଘରୋଇ ହସ୍ପିଟାଲ ସଂଘ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲା । ହେଲେ ରାଉରକେଲାରୁ ଭୁବନେଶ୍ୱର ଯାଏଁ ରୋଗୀ ଚିକିତ୍ସା ପାଇଁ ଡହଳବିକଳ ହୋଇ ପ୍ରାଣବାୟୁ ଉଡ଼ିଗଲା । ବଲାଙ୍ଗୀରରେ କର୍କଟ ରୋଗୀ ବି ଆୟୁଷ୍ମାନ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି । ନ୍ୟାସନାଲ ପୋର୍ଟାଲ ଯୋଗୁଁ ସମସ୍ୟା ହେଉଛି କହି ସ୍ୱାସ୍ଥ୍ୟ ବିଭାଗ ନିଜ ଦାୟିତ୍ୱ ସାରିଦେଇଛନ୍ତି । ନନ୍ଦିଘୋଷ ଟିଭିରେ ଲଗାତାର ଖବର ପ୍ରସାରଣ ପରେ ସରକାରଙ୍କ ନିଦ ଭାଙ୍ଗିଲା । ଆସନ୍ତା ସୋମବାର ସ୍ୱାସ୍ଥ୍ୟ ବିଭାଗ ଡାକିଛି ବୈଠକ ।ରାଉରକେଲାର ଟି. କାମେଶ୍ୱର ରାଓ । ଆୟୁଷ୍ମାନ କାର୍ଡ଼ ପାଇଥିଲେ । ହେଲେ କାର୍ଡ଼ର ପେଞ୍ଚ ତାଙ୍କ ଜୀବନ ନେଇଗଲା । କର୍କଟ ରୋଗରେ ଆକ୍ରାନ୍ତ ବଲାଙ୍ଗୀରର କୁନି ସୁନା । ଆୟୁଷ୍ମାନ କାର୍ଡ ସହାୟତାରେ ଚିକିତ୍ସା ପାଇଲେନି । ରାଉରକେଲାରେ ଆୟୁଷ୍ମାନ କାର୍ଡରେ କିଡନୀ ରୋଗୀଙ୍କ ଡାଏଲିସିସି ହୋଇପାରୁନି । ଆୟୁଷ୍ମାନ କାର୍ଡ ଦେଖିଲେ ଘରୋଇ ହସ୍ପିଟାଲ ରୋଗୀଙ୍କୁ ମାରମାର କରୁଛନ୍ତି । ଆୟୁଷ୍ମାନ କାର୍ଡ଼କୁ ନେଇ ଏମିତି ମାଳମାଳ ଅଭିଯୋଗ ଓ ଦୁଃଖ । କାର୍ଡ଼ ଜାରି କରି ବାହାବା ନେଇଗଲେ ଡବଲ ଇଞ୍ଜିନ ସରକାର । ଏବେ ରୋଗୀ ଭୋଗୁଛନ୍ତି ଦଶା । ରୋଗୀ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ୧୦ଟି ଓଟିପି ସମସ୍ୟା, ରୋଗୀର ବିବରଣୀ ଲେଖିଲା ବେଳକୁ ସଫ୍ଟୱେର ସିଷ୍ଟମରେ ଅପଲୋଡ଼ିଂ ସମସ୍ୟା । ଖାଲି ସେତିକି ନୁହେଁ, ପ୍ୟାକେଜ୍ ସମସ୍ୟା ସହିତ ରୋଗୀ ଡିସଚାର୍ଜ ହେଲା ବେଳକୁ ଡାକ୍ତରଙ୍କ ଫଟୋ ସାଙ୍ଗକୁ ଫିଙ୍ଗର ପ୍ରିଣ୍ଟ ବ୍ୟବସ୍ଥା ରୋଗୀର ଚିକିତ୍ସା ସେବାରେ ବାଧକ ସାଜୁଛି । ନନ୍ଦିଘୋଷ ଟିଭିରେ ବିଭିନ୍ନ ରୋଗୀଙ୍କ ଅବସ୍ଥା ନେଇ ଖବର ପ୍ରସାରଣ ପରେ ସରକାରଙ୍କ ନିଦ ଭାଙ୍ଗିଛି । ଆସନ୍ତା ସୋମବାର ବିଭିନ୍ନ ଷ୍ଟେକ ହୋଲଡରଙ୍କ ସହ ଆଲୋଚନା କରିବ ସ୍ୱାସ୍ଥ୍ୟ ବିଭାଗ ।୨୦୦୭ରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ରୋଗ ପ୍ୟାକେଜ ଦର ଯାହା ଥିଲା ୧୮ ବର୍ଷ ପରେ ସେହି ଦରରେ ଅତ୍ୟାଧୁନିକ ଚିକିତ୍ସା କେମିତି ମିଳିପାରିବ । ଏତେ କମ ଦରରେ ରୋଗୀ ଚିକିତ୍ସା କରିବା ଅସମ୍ଭବ ବୋଲି ରୋକ୍ ଠୋକ୍ ଜଣାଇଛନ୍ତି ଘରୋଇ ହସ୍ପିଟାଲ । ଏହା ଭିତରେ ମୁଦ୍ରାସ୍ଫିତୀ ଯୋଗୁଁ ଟଙ୍କାର ମୂଲ୍ୟ କମିଛି । ୧୮ ବର୍ଷ ଭିତରେ ଲୋକଙ୍କ ରୋଜଗାର ବଢିଥିବା ବେଳେ ୧୮ ବର୍ଷ ତଳର ରେଟରେ କିପରି ଚିକିତ୍ସା ହୋଇପାରିବ ବୋଲି ଡାକ୍ତରମାନେ ପ୍ରଶ୍ନ କରିଛନ୍ତି । ପ୍ୟାକେଜ୍ ଦରକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁହଁ ଖୋଲୁ ନଥିବା ବେଳେ ସଫ୍ଟୱେର ସମସ୍ୟା କଥା ସ୍ୱୀକାର କରିଛନ୍ତି । ଏଥିପାଇଁ ନ୍ୟାସନାଲ ପୋର୍ଟାଲକୁ ଦୋଷ ଠେଲି ଦେଇଛନ୍ତି । ଆୟୁଷ୍ମାନ ଯୋଜନା ସରକାର ଆଣିବା ପରେ ଲୋକେ ଏହାକୁ ନବୀନ ସରକାରର ଭିଏସକେୱାଇ ସହ ତୁଳନା କରିଛନ୍ତି । ଭିଏସକେୱାଇରେ ଥିଲା ନିଃସର୍ତ୍ତ ସ୍ୱାସ୍ଥ୍ୟ ସେବା । ହେଲେ ଆୟୁଷ୍ମାନରେ ପ୍ରତି ପାହାଚରେ ଅନେକ ସର୍ତ୍ତ ଓ ଦ୍ୱନ୍ଦ୍ୱ । ସରକାର ଏହାର ସମାଧାନ ପାଇଁ ବୈଠକ ଡାକିଥିବାରୁ ଏହା କେତେ ଫଳପ୍ରଦ ହେଉଛି ତାକୁ ରୋଗୀ ମହଲ ଅପେକ୍ଷା କରିଛନ୍ତି ।

## ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କୁ ଅଭୂତପୂର୍ବ ଭାବେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି; ସମାଜର ସବୁ ବର୍ଗର ଲୋକ ସାମିଲ



ଭୁବନେଶ୍ୱର ,(ପି.ଏନ) ରତିକାନ୍ତ ବାବୁଙ୍କ : ନିକଟରେ ପରଲୋକ ଗମନ କରିଥିବା ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କୁ ଶନିବାର ଦିନ ବହୁ ପ୍ରତିଷ୍ଠିତ ରାଜନେତା, ଖବରକାଗଜ ସମ୍ପାଦକ, ସାମ୍ବାଦିକ ଓ ସମାଜର ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତି ଏକ ବିଶେଷ ସ୍ମୃତି ସଭାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।ଭୁବନେଶ୍ୱର ସ୍ଥିତ ଗୀତ ଗୋବିନ୍ଦ ସଦନରେ ଆୟୋଜିତ ଏହି ସ୍ମୃତିସଭାକୁ ଓଡିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ, ପ୍ରସନ୍ନ ଆଚାର୍ଯ୍ୟ, ପଂଚାନନ କାନୁନଗୋ ଓ ବରିଷ୍ଠ କଂଗ୍ରେସ ନେତା ନିରଂଜନ ପଟ୍ଟନାୟକ ଦୀପ ପ୍ରଜ୍ୱଳନ କରି ଉଦ୍ ?ଘାଟନ କରିଥିଲେ । ନିଜ ଶ୍ରଦ୍ଧାଞ୍ଜଳିରେ ବାଚସ୍ପତି ସୁରମା ପାଢ଼ୀ କହିଥିଲେ ରତିକାନ୍ତ ମହାନ୍ତି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ । ସେ ତାଙ୍କର ହାତ ଧରି ରାଜନୀତିରେ କିପରି ଉପରକୁ ଉଠିବାକୁ ହେବ ସେ ନେଇ ତାଙ୍କର ମାର୍ଗ ଦର୍ଶନ କରିଥିଲେ ବୋଲି କହିବା ସହିତ ତାଙ୍କର ରିପୋର୍ଟିଂ ଶୈଳୀ ସବୁଠାରୁ ନିଆରା ଓ ଭିନ୍ନ ଥିଲା ବୋଲି କହିଥିଲେ । ଜଣେ ସଚ୍ଚୋଟ, ନିର୍ଭିକ ଓ ସମର୍ପିତ ସାମ୍ବାଦିକ ଭାବେ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ପ୍ରଦର୍ଶିତ ମାର୍ଗରେ ଆମେ ଯଦି ଚାଲିପାରିବା ତେବେ ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଶ୍ରୀମତୀ ପାଢୀ କହିଥିଲେ । ଏଥି ସହିତ ରତି ଭାଇଙ୍କ ସ୍ମୃତିକୁ ସବୁଦିନ ସାଇତା ପାଇଁ ରତି ଭାଇ ସ୍ମୃତି କମିଟି ଯାହା ପରାମର୍ଶ ଦେବ ବିଧାନସଭା ତାହ ସହୃଦୟତାର ସହିତ ବିଚାର କରିବ ବୋଲି ସେ କହିଥିଲେ । ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ ରତିକାନ୍ତ ବାବୁ ଜଣେ ଅତ୍ୟନ୍ତ ମିଷ୍ଟଭାଷୀ, ନିରହଙ୍କାରୀ ଓ ସଚ୍ଚୋଟ ସାମ୍ବାଦିକ ଭାବେ ନିଜକୁ ପ୍ରତିଷ୍ଠା କରିପାରିଥିଲେ ବୋଲି କହିଥିଲେ । ବିଜୁ ପଟ୍ଟନାୟକଙ୍କ ଶାସନ ସମୟରେ ରତିକାନ୍ତଙ୍କର ରାଜନୀତି ଠାରୁ ଆରମ୍ଭ କରି ପ୍ରଶାସନିକ ମହଲରେ ବେଶ୍ ପ୍ରଭାବ ରହିଥିଲା । କେବଳ ସେତିକି ନୁହେଁ ଜାନକୀ ବଲ୍ଲଭ ପଟ୍ଟନାୟକ, ହେମାନନ୍ଦ ବିଶ୍ୱାଳ ଓ ଗିରିଧର ଗମାଙ୍ଗଙ୍କ ଭଳି ମୁଖ୍ୟମନ୍ତ୍ରୀମାନଙ୍କ ସହିତ ତାଙ୍କର ଭଲ ସମ୍ପର୍କ ଥିଲେ ମଧ୍ୟ ସେ କେବେ ନିଜ ପାଇଁ କାହାକୁ କିଛି ମାଗିନଥିଲେ ବୋଲି ଶ୍ରୀ ଘଡାଇ କହିବା ସହିତ ଏଥିରେ ତାଙ୍କର ମହନୀୟତା ପ୍ରତିପାଦିତ ହୋଇଥିଲା ବୋଲି ସେ କହିଥିଲେ । ଶ୍ରୀ ମହାନ୍ତି ୪ଦଶନ୍ଧି ଧରି ସାମ୍ବାଦିକତା କରି ଆସୁଥିଲେ । ତାଙ୍କ ବିୟୋଗରେ ଓଡିଶା ସାମ୍ବାଦିକତାରେ ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ କହିଥିଲେ । ରତିକାନ୍ତ ସହିତ ତାଙ୍କର ବେଶ୍ ଘନିଷ୍ଠତା ଥିଲା । ସେ ଚାହିଁଥିଲେ ନିଜ ପାଇଁ କିଛି ମାଗିପାରିଥାନ୍ତେ । ହେଲେ ସେ କେବେ କିଛି କେବେ ମାଗିନଥିଲେ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ । ରତିକାନ୍ତ ସ୍ମୃତି କମିଟି ଅଧକ୍ଷ ରବିଦାସ ଓ ସ୍ମରଣିକା କମିଟି ସମ୍ପାଦକ ପ୍ରଭୂକଲ୍ୟାଣ ମହାପାତ୍ରଙ୍କ ଦ୍ୱାରା ସଂଚାଳିତ ଏହି ସ୍ମୃତିସଭାରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ, ପ୍ରଦେଶ କଂଗ୍ରେସ୍ କମିଟି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ଅରୁଣ କୁମାର ସାହୁ, ସଂଜୟ ଦାସ ବର୍ମା, ବିଜୟ ନାୟକ, ଅନନ୍ତ ଜେନା, ସୁଦର୍ଶନ ଦାସ, ବିଜେପି ନେତା ଗୋଲକ ମହାପାତ୍ର, ସିପିଆଇ (ଏମ୍) ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ପ୍ରଦ୍ୟୁମ୍ନ ଶତପଥୀ, ବଟକୃଷ୍ଣ ତ୍ରୀପାଠୀ, ରାଜେଶ ମହାପାତ୍ର, ପ୍ରସନ୍ନ ମହାନ୍ତି, ସନ୍ଦୀପ ସାହୁ ସୁଭାଶିଷ ମହାନ୍ତି, ପ୍ରଦ୍ୟୁମ୍ନ ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ସନ୍ଦୀପ ମିଶ୍ର, ପ୍ରଦୋଷ ପଟ୍ଟନାୟକ, ପ୍ରସନ୍ନ ପତି, ଦେବନାରାଣ ସେଠୀ, ମନୋରଂଜନ ମିଶ୍ର, ଅଶୋକ ସାହୁ, ଦିଲ୍ଲୀପ ସୁବୁଦ୍ଧି, ଅରବିନ୍ଦ ମିଶ୍ର, ବିଭୂତି କର, ପବିତ୍ର ମହାରଥା, ସୀମାଚଂଳ ପଟ୍ଟନାୟକ, ବିବେକ ଜେନା, ରମେଶ ସ୍ୱାଇଁ, ସଂଜୟ ଜେନା, ଅକ୍ଷୟ କୁମାର ସାହୁ, ବିରୁପାକ୍ଷ ତ୍ରୀପାଠୀ, ଯଯାତି ମହାନ୍ତି, ଗରିଜା ଶଙ୍କର ଦାଶ, ଦିଲ୍ଲୀପ ବିଶୋଇ, ସିରାଜ ଅହମଦ, ଜ୍ଞାନରଂଜନ ଦାସ, ବପିନ୍ ସିଂହ, ପ୍ରଦୀପ ରାଉତ, ପବିତ୍ର ସେନାପତି, ପାର୍ଥସାରଥୀ ଜେନା, ଦେବଦତ ପାତ୍ର,ଦେବ ମହାନ୍ତି, ଦୀପକ ମହାପାତ୍ର, ଚିନ୍ମୟ ମହାପାତ୍ର , ଅପୂର୍ବ ମହାନ୍ତି, ସାରଦା ଦେବତା, ଅବିନାଶ ମିଶ୍ର, ପ୍ରିୟରଂଜନ ସାହୁ, ସଂଜୟ ଦାସ, ଭାଗବତ ତ୍ରୀପାଠୀ, ସୁରେଶ କର, ଦୀପକ କୁମାର କର, ଅରବିନ୍ଦ କୁଅଁର, ସୁକାନ୍ତ ମହାନ୍ତି, ରିଆଜ ମହମ୍ମଦ, ଲୋପାମୁଦ୍ରା ଜେନା, ମାଧବାନନ୍ଦ ବେହୁରା, ନଳିନୀ ସାହୁ, ସୂର୍ଯ୍ୟକାନ୍ତି ନାୟକ, ଇଂଜିନିୟର ଲଳିତ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଅନେକ ମତ ବ୍ୟକ୍ତ କରିଥିଲେ । ରତି ଭାଇ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉନ୍ମୋଚିକା ଭାବେ ଉପସ୍ଥିତ ରହିଥିଲେ ବାଚସ୍ପତି ଶ୍ରୀମତି ସୁରମା ପା ?ୀ । ତାଙ୍କ କର କମଳରେ ଏହି ସ୍ମରଣୀକାକୁ ଉନ୍ମୋଚିତ କରାଯାଇଥିଲା । ଏହି ଅବସରରେ ରତିକାନ୍ତ ମହାନ୍ତିଙ୍କ ଝିଅ ପୂଜା ମହାନ୍ତି ଓ ବନ୍ଦନା ମହାନ୍ତିଙ୍କ ସମେତ ତାଙ୍କ ପରିବାରର ଅନେକ ବ୍ୟକ୍ତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ମହାନଦୀ ଜଳ ବିବାଦର ସମାଧାନ କରୁ ଟ୍ରିପଲ୍ ଇଞ୍ଜିନ ସରକାର



ଭୁବନେଶ୍ୱର,୨୬।୪(ପି.ଏନ): ଏବେ ନୁହେଁ ତ କେବେ ନୁହେଁ । ମହାନଦୀ ଜଳ ବିବାଦର ସମାଧାନ କରୁ ଟ୍ରିପଲ୍ ଇଞ୍ଜିନ ସରକାର । ପ୍ରଧାନମନ୍ତ୍ରୀ ଦୁଇ ରାଜ୍ୟ ସହ ବୈଠକ କରି ସମସ୍ୟାର ସମାଧାନ କରନ୍ତୁ । ଡବଲ ଇଞ୍ଜିନ ସରକାର ଭାଷଣ ନୁହେଁ, ବାସ୍ତବତାକୁ ଆସି ମହାନଦୀ ଜଳ ବିବାଦର ସମାଧାନ କରିବାକୁ ଦାବି କରିଛି ବିଜେଡି । କଂଗ୍ରେସ ମଧ୍ୟ କହିଛି ଟ୍ରିପଲ ଇଞ୍ଜିନ ସରକାର ଯଦି ଜଳ ବିବାଦର ସମାଧାନ ନ କରିବ ତେବେ ଏହା ଆଉ କେବେ ହେବା ଆଶା କ୍ଷୀଣ । ହେଲେ ଶାସକ ବିଜେପିର ଯୁକ୍ତି, ମହାନଦୀ ଜଳ ବିବାଦ ବହୁତ ବଡ ସମସ୍ୟା ନୁହେଁ । ଅନ୍ୟପଟେ କଲମା ବ୍ୟାରେଜର ସବୁ ଫାଟକ ବନ୍ଦ ହେବା ପରେ ଟ୍ରିପଲ ଇଞ୍ଜିନ ସରକାରଙ୍କୁ ଘେରିଛନ୍ତି ବିଜେଡି ଓ କଂଗ୍ରେସ ।ଓଡିଶା ସ୍ୱାର୍ଥ ସହ ପ୍ରତାରଣା କରିଛି ବିଜେପିର ଟ୍ରିପଲ ଇଞ୍ଜିନ ସରକାର । ଛତିଶଗଡ, ଓଡିଶା ଓ କେନ୍ଦ୍ରରେ ବିଜେପି ସରକାର ଥାଇ ମଧ୍ୟ ମହାନଦୀ ଜଳ ବିବାଦର ସମାଧାନ ହୋଇପାରୁନାହିଁ । ଓଡିଶାର ଜୀବନ ରେଖା ସାଜିଥିବା ମହାନଦୀ ଏବେ ଶୁଖିଲା ପଡିଛି । କଲମା ବ୍ୟାରେଜର ସବୁ ଫାଟକ ବନ୍ଦ ହେବା ପରେ ଓଡିଶାରେ ଜଳ ସଙ୍କଟ ଉତ୍କଟ ହେବାରେ ଲାଗିଛି । ଯାହାକୁ ନେଇ ଟ୍ରିପଲ ଇଞ୍ଜିନ ସରକାରକୁ ଘେରିଛି ମୁଖ୍ୟ ବିରୋଧୀ ବିଜେଡି । ବରିଷ୍ଠ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ବିଜେପି ୨୦୨୪ ନିର୍ବାଚନରେ ଚିଲେଇ ଚିଲେଇ କହୁଥିଲା ଆମକୁ ଭୋଟ ଦେଲେ ଓଡିଶାର ସବୁ ସମସ୍ୟା ଡବଲ ଇଞ୍ଜିନ ସରକାର ଶୀଘ୍ର ସମାଧାନ କରିବ । ସରକାରକୁ ବିଜେପି ଆସିଲା ପରେ ସବୁ ଭୁଲିଗଲା । ମହାନଦୀ, ପୋଲାଭରମ ଠାରୁ ଆରମ୍ଭ କରି ସବୁ ସମସ୍ୟାରେ ପଡୋଶୀ ଓଡିଶା ଉପରେ ଭାରି ପଡିଛନ୍ତି । ତେଣୁ ବିଜେପିର ଟ୍ରିପଲ ଇଞ୍ଜିନ ସରକାର ଆଉ ଭୂଆଁ ନବୁଲେଇ ତୁରନ୍ତୁ ଜଳ ବିବାଦର ସମାଧାନ କରୁ । ମହାନଦୀ ଜଳ ବିବାଦରେ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରି ତୁରନ୍ତ ଦୁଇ ରାଜ୍ୟ ସହ ବୈଠକ କରି ସମାଧାନର ବାଟ କାଢନ୍ତୁ ବୋଲି ପିସିସି ସଭାପତି ଭକ୍ତ ଦାସ ଦାବି କରିଛନ୍ତି । ମହାନଦୀ ଜଳ ବିବାଦ ସମାଧାନ ଲାଗି ୨୦୧୮ ମାର୍ଚ୍ଚ ୧୧ ତାରିଖରେ ଟ୍ରିବ୍ୟୁନାଲ ଗଠନ କରାଗଲା । ଟ୍ରିବ୍ୟୁନାଲର କାର୍ଯ୍ୟକାଳ ୨୦୨୭ ଏପ୍ରିଲ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଓଡିଶାର ହକ ପାଇଁ ବିଜେଡି ନ୍ୟାୟିକ ଲଢେଇ ଜାରି ରଖିଥିବାବେଳେ ଏବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଶାଣିତ କରିଛି । ଓଡିଶା, ଛତିଶଗଡ ଓ କେନ୍ଦ୍ରରେ ବିଜେପି ସରକାର ଥାଇ ମଧ୍ୟ ମହାନଦୀ ଜଳ ବିବାଦର ଏଯାଏଁ ସମାଧାନ ହୋଇନାହିଁ । ୧୧ ମାସର ରାଜ୍ୟ ସରକାର ଯେତିକି ତତ୍ପରତା ଦେଖାଇବା କଥା ତାହା ଦେଖାଉ ନାହାନ୍ତି । ଛତିଶଗଡ ପାଣି ଅଟକାଉ ଥିବାରୁ ରାଜ୍ୟରେ ଚାଷୀମାନେ ହଇରାଣ ହେବା ସହ ମହାନଦୀ ମରୁଭୂମିରେ ପରିଣତ ହୋଇଛି । ମହାନଦୀ ଜଳ ବିବାଦରେ ଟ୍ରିପଲ ଇଞ୍ଜିନ ସରକାରର ବିଫଳତା ଜଳ ଜଳ କରି ସାମ୍ନାକୁ ଆସିବା ପରେ ଶାସକ ବିଜେପି ବିତଣ୍ଡା ଯୁକ୍ତି ବାଢିଛି । ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମହାନଦୀ ଜଳ ବିବାଦ ପ୍ରତି ସରକାର ସଚେତନ ଅଛନ୍ତି । ଜଳ ବିବାଦ କୁଆଡେ ଏତେ ବଡ ବିବାଦ ନୁହେଁ ବୋଲି ସେ ବେପରୁଆ ମନ୍ତବ୍ୟ ଦେଇଛନ୍ତି । ମହାନଦୀ ଶୁଖିଲା ପଡିଯିବାରୁ ଓଡିଶାର ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଇଲାଣି । ଚାଷ ମଧ୍ୟ ପ୍ରଭାବିତ ହେବାରେ ଲାଗିଲାଣି । ଆଗକୁ ଏ ସମସ୍ୟା ଦ୍ୱିଗୁଣିତ ହେବ । ବେଳ ଥାଉ ଥାଉ ଟ୍ରିପଲ ଇଞ୍ଜିନ ସରକାର ସମସ୍ୟାର ସମାଧାନ କରିବାକୁ ବିରୋଧୀ ବିଜେଡି ଓ କଂଗ୍ରେସ ଦାବି କରିଛନ୍ତି । ଯାହାକୁ ନେଇ ଉଷ୍ମ ହୋଇଛି ରାଜ୍ୟ ରାଜନୀତି ।

## ଆସନ୍ତାକାଲି ସରୁଛି ଡେଡଲାଇନ: କ'ଣ କରିବେ ଓଡ଼ିଶାରେ ଥିବା ପାକିସ୍ତାନୀ ନାଗରିକ ?



ଭୁବନେଶ୍ୱର,୨୬।୪(ପି.ଏନ): ଭାରତ-ପାକ ସୀମାରେ ଉତ୍ତ ?ଜନା ପରେ ଏବେ ଦେଶ ଭିତରେ ପାକିସ୍ତାନୀଙ୍କ ମଧ୍ୟରେ ପଶିଛି ଛନକା । ସେମାନଙ୍କୁ ଦେଶ ଛାଡିବାକୁ ଦିଆଯାଇଛି ନିର୍ଦ୍ଦେଶ । ଏହାରି ଭିତରେ ଓଡିଶାର ବିଭିନ୍ନ ଜିଲ୍ଲାରେ ୧୨ଜଣ ପାକିସ୍ତାନୀଙ୍କୁ ଚିହ୍ନଟ କରାଯାଇ ଲିଭ୍ ଇଣ୍ଡିଆ ନୋଟିସ ଦିଆଯାଉଛି । କାହାର ଭିସା ପର୍ମିଟ ସରିଯାଇଛି ତ କାହାର ପାସପୋର୍ଟର ମଧ୍ୟ ନବୀକରଣ ହୋଇନି । ଏମିତି ସ୍ଥିତିରେ ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ବଲାଙ୍ଗୀର, କଟକ, ଭୁବନେଶ୍ୱର ଓ ବାଲେଶ୍ୱରରେ ଥିବା ପାକିସ୍ତାନୀଙ୍କୁ ଦେଶ ଛାଡିବାକୁ ଦିଆଯାଇଛି ଅଲଟିମେଟ ଡେଡଲାଇନ ।ବଲାଙ୍ଗୀରର ସାରଦା କୁକ୍ରେଜା । ୧୯୭୧ ଯୁଦ୍ଧ ପୂର୍ବରୁ କରାଚୀର ସିନ୍ଧ ପ୍ରଦେଶରୁ ୧୦ ଭାଇ ଭଉଣୀ ପରିବାର ସହ ଦିଲ୍ଲୀ ଆସିଥିଲେ । ଯୁଦ୍ଧ ପରେ ଆଉ ଫେରପାରି ନଥିଲେ । ପରିବାର ସହ ପ୍ରଥମେ କୋରାପୁଟ ଗଲେ, ସେଠାରେ ମହେଶ କୁକ୍ରେଜାଙ୍କ ସହ ବିବାହ କରିଥିଲେ । ପରେ ବଲାଙ୍ଗୀରକୁ ବ୍ୟବସାୟ ପାଇଁ ଆସି ଠିକାଦାରପଡାରେ ଘରବାଡି କରି ରହିଛନ୍ତି । ସ୍ୱାମୀ ମହେଶଙ୍କ ବିବାହ ପରେ ପୁଅ ବୋହୂଙ୍କ ସହ ବଲାଙ୍ଗୀରରେ ରହୁଛନ୍ତି ସାରଦା । ଝିଅ ବି ରାୟପୁରରେ ବାହା ହୋଇ ସେଠାରେ ପରିବାର ସହ ରହୁଛନ୍ତି । ସାରଦାଙ୍କ ପାସପୋର୍ଟ ଅବଧି ୧୯୯୧ରୁ ଶେଷ ହୋଇଗଲାଣି । ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଭାରତୀୟ ନାଗରିଗତ୍ୱ ଗ୍ରହଣ କରିଛନ୍ତି । ହେଲେ ସାରଦା ଭାରତୀୟ ନାଗରିକତ୍ୱ ପାଇଁ ଆବେଦନ କରିନାହାଁନ୍ତି । ପରିବାର ଛାଡି ପାକିସ୍ତାନ ନଯିବାକୁ ସେ ପ୍ରଶାସନକୁ ଅପିଲ କରିଥିବା ବେଳେ ସରକାର ତାଙ୍କୁ ଅଲଟିମେଟମ ଦେଇଛନ୍ତି ।ସେହିଭଳି କଟକ ଓ ଭୁବନେଶ୍ୱରରୁ ମଧ୍ୟ ଚିହ୍ନଟ ହୋଇଛନ୍ତି ପାକିସ୍ତାନୀ । କଟକରେ ୩ ଜଣ ପାକିସ୍ତାନୀ ରହିଥିବା ପୋଲିସ ସୂଚନା ଦେଇଛି । କଟକରେ ଆଉ ପାକିସ୍ତାନୀ ଅଛନ୍ତି କି ନାହିଁ ସେନେଇ ଚିହ୍ନଟ ପ୍ରକ୍ରିୟା ଚାଲିଛି । ସେହିଭଳି ଭୁବନେଶ୍ୱରର ଚିନ୍ତାମଣିଶ୍ୱର ଅଞ୍ଚଳରେ ରହୁଥିବା ନଗମା ୟୁସୁଫ ୨୦୦୮ରୁ ପାକିସ୍ତାନରୁ ଆସିଥିଲେ । ଇଣ୍ଟରନେଟରୁ ଭଲ ପାଇ ମହମ୍ମଦ ନିଜାମୁଦ୍ଦିନଙ୍କୁ ବାହା ହେବା ପାଇଁ ଲଙ୍ଗଟର୍ମ ଭିସା ଧରି ଭୁବନେଶ୍ୱର ଆସିଥିଲେ । ୧୭ ବର୍ଷ ଧରି ସେ ଭୁବନେଶ୍ୱରରେ ରହୁଥିଲେ । ଗତ ଡିସେମ୍ବରରୁ ତାଙ୍କ ଭିସା ଅବଧି ସରିଲାଣି । ଗତ ଫେବୃଆରୀରେ ସେ ଏକଜିଟ ପର୍ମିଟ ପାଇଁ ଆବେଦନ କରିଥିଲେ । ଏବେ ତାଙ୍କୁ ଲିଭ ଇଣ୍ଡିଆ ନୋଟିସ ଜାରି ହୋଇଛି ।






# 'ମା' ହେବେ କ୍ୟାଟ୍ରିନା !'



ଅଭିନେତା ବିକ୍କି କୌଶଲ ଆଜିକାଲି ଫିଲ୍ମ ବ୍ୟାଡ୍ ନ୍ୟୁଜର ପ୍ରମୋସନରେ ବ୍ୟସ୍ତ ରହୁଛନ୍ତି। ନିକଟରେ ତାଙ୍କୁ ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚାଂଟଙ୍କ ବିବାହରେ ଦେଖିବାକୁ ମିଳିଥିଲା। ଏହି ସମୟରେ ସେ ପତ୍ନୀ କ୍ୟାଟ୍ରିନା କୈଫଙ୍କ ସହ ନଜର ଆସିଥିଲେ। ଏହି ବିବାହରେ କ୍ୟାଟ୍ରିନା କୈଫ ନାଲି ରଙ୍ଗର ଶାଢ଼ିରେ ନଜର ଆସିଥିଲେ। କ୍ୟାଟ୍ରିନାଙ୍କ ଉପସ୍ଥିତି ପୁଣି ଥରେ ତାଙ୍କ ଗର୍ଭଧାରଣକୁ ନେଇ ଗୁଜବ ଆରମ୍ଭ କରିଥିଲା। ଏବେ ବ୍ୟାଡ୍ ନ୍ୟୁଜ୍ ର ପ୍ରମୋସନ ସମୟରେ ବିକ୍କି ଏହି ଗୁଜବ ଉପରେ ପ୍ରତିକ୍ରିୟା ରଖିଛନ୍ତି। ଯେତେବେଳେ ବିକ୍କିଙ୍କୁ ପଚରାଯାଇଥିଲା କ୍ୟାଟ୍ରିନାଙ୍କ ଜନ୍ମଦିନ ପାଇଁ ଯୋଜନା କ'ଣ ? ତେଣୁ ଏହାର ଜବାବରେ ସେ କହିଥିଲେ, ଧନ୍ୟବାଦ ! କ୍ୟାଟ୍ରିନାଙ୍କ ଜନ୍ମଦିନ ବହୁତ ଖାସ୍। ଯୋଜନା ହେଉଛି ଆମେ ଏକାଠି ସମୟ ବିତାଇବୁ। କାରଣ ପ୍ରମୋସନ ଦୀର୍ଘ ଦିନ ଧରି ଚାଲିଛି ଏବଂ କ୍ୟାଟ୍ରିନା ମଧ ଯାତ୍ରା କରୁଛନ୍ତି। ଏବଂ ଯେତେବେଳେ ଆପଣ ଯେଉଁ ଖୁସି ଖବର ବିଷୟରେ କହିଥିଲେ ତାହା ଆସିବ, ଆମେ ଏହାକୁ ସମସ୍ତଙ୍କ ସହ ସେୟାର କରି ବହୁତ ଖୁସି ହେବୁ। ସେପର୍ଯ୍ୟନ୍ତ ଏଥିରେ କୌଣସି ସତ୍ୟତା ନାହିଁ ଏବଂ ଏହା କେବଳ କଳ୍ପନାଜଳ୍ପନା। 'ୱାର୍କଫ୍ରଂଟ ବିଷୟରେ କହିବାକୁ ଗଲେ ଫିଲ୍ମ ବ୍ୟାଡ୍ ନ୍ୟୁଜରେ ନଜର ଆସିବେ ବିକ୍କି କୌଶଲ। ଏହି ଫିଲ୍ମ ଜୁଲାଇ ୧୯ରେ ରିଲିଜ ହେବ। ଫିଲ୍ମର ଟ୍ରେଲରପ୍ରଶଂସକଙ୍କୁ ପସନ୍ଦ ଆସିଥିବା ବେଳେ ଗୀତଗୁଡ଼ିକୁ ମଧ ଭଲ ରେସପନ୍ସ ମିଳୁଛି। ଭିକିଙ୍କ ଗୀତ 'ତୌବା ତୌବା'ରେ ତାଙ୍କ ଡ୍ୟାନ୍ସ ମୁଭ୍ ଭାଇରାଲ ହୋଇଥିଲା।

# '୯ ବର୍ଷ ବୟସରେ ଯୌନଶୋଷଣ ହୋଇଥିଲା'



ବିଶାଳ ଆଦିତ୍ୟ ସିଂ ଟେଲିଭିଜନ ଦୁନିଆର ସୁପରଷ୍ଟାର। ଏହି ଅଭିନେତା ଜଣକ 'ଚନ୍ଦ୍ରକାନ୍ତା', 'ବେଗୁସରାୟ', 'କୁଲ୍ଫି କୁମାର', 'ବିଗବସ – ୧୩' ତଥା 'ନଚ ବଲିଏ ୯' ଭଳି ଶୋ' ରେ ନଜର ଆସି ଘରେ ଘରେ ପରିଚିତ। ବିଶାଳ ସେହି ସମୟରେ ବେଶୀ ଲୋକପ୍ରିୟ ହୋଇଗଲେ, ଯେବେ ବିଗବସରେ ମଧୁରିମା ତୂଲୀଙ୍କ ସହ ତାଙ୍କର ଝଗଡା ଶୀର୍ଷରେ ପହଂଚି ଥିଲା। ଅଭିନେତା ଜଣକ ସୋସିଆଲ ମିଡିଆରେ ମଧ ବେଶ୍ ଆକ୍ଟିଭ ରୁହନ୍ତି। ନିକଟରେ ବିଶାଳ ପିଲାଦିନରେ ନିଜ ସହ ହୋଇଥିବା ଯୌନଶୋଷଣକୁ ନେଇ ବୟାନ ଦେଇଛନ୍ତି। ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ତାଙ୍କ ସହିତ ଯୌନଶୋଷଣ ହୋଇଥିଲା। ପାରସ ଛାବଡାଙ୍କ ଏକ ଶୋ' ରେ ଏହି ବିଷୟରେ ମତ ରଖିଛନ୍ତି ବିଶାଳ। ତାଙ୍କର ଜଣେ ଚାଚା ତାଙ୍କୁ ବାଇକ ଚଲାଇବା ଶିଖାଇବାକୁ କହି ତାଙ୍କ ସହ ଏହି କଳାକାରନାମା କରିଥିଲେ। ବିଶାଳ ବାପାଙ୍କୁ ଏହି କଥା କହିବାରୁ ବାପା ତାଙ୍କ ଉପରେ ରାଗି ତାଙ୍କୁ ମାଡ ମଧ ମାରିଥିଲେ। ମୁମ୍ବାଇ ଆସିବା ପରେ ସେ ଜାଣିଲେ ଯେ ତାଙ୍କ ସହ ଯାହା ହୋଇଥିଲା ତାହା ବାସ୍ତବରେ ଖରାପ ହିଁ ଥିଲା। ପରେ ସେ ତାଙ୍କ ଚାଚାଙ୍କୁ କହିଥିଲେ ଯେ ଯାହା ସେ ତାଙ୍କ ସହ କରିଛନ୍ତି, ସେହି ସମାନ କାମ ଯଦି ସେ ତାଙ୍କ ପିଲାଙ୍କ ସହ କରିବେ ତେବେ !

# ବୟସ୍କଙ୍କଠୁ ବେଶୀ ହସନ୍ତି ଶିଶୁ

ଜଣେ ଛୋଟ ଛୁଆର ହସ ମଣିଷର ଅଧା ଅସୁବିଧା ଦୂର କରି ଦିଏ। ବୟସ୍କ ମଧ ତା ହସରେ ଆହ୍ଲାଦିତ ହୋଇ ଉଠେ। ଦୁଃଖୀ ମନକୁ ପ୍ରଫୁଲ୍ଲିତ କରେ ଛୋଟ ଛୁଆର ହସଟିକକ। ସେଥିପାଇଁ ତ ସମସ୍ତେ ପସନ୍ଦ କରନ୍ତି କୁନି କୁନି ଶିଶୁଙ୍କୁ ଓ ତାହାର କୋମଳ ହୃଦୟକୁ। ତାଙ୍କର ହସରେ ଥାଏ ଭିନ୍ନ ଏକ ଆକର୍ଷଣ, ଯାହାର କଳନା ସକାଳୁ ଫୁଟିଥିବା ସତେଜ ଫୁଲର ମହକ ଭଳି ହୋଇଥାଏ। ଛୋଟଛୁଆ ହେଉ ବା ବୟସ୍କଙ୍କ ହସ ହେଉଛି ତାଙ୍କର ଖୁସିର ପ୍ରତୀକ। ଯାହା କୌଣସି ଟଙ୍କାରେ ନ ଥାଏ, ଥାଏ ମଣିଷର ମନରେ। ଚେହେରାରୁ ଜଣକର ମନର ଭାବନା ମଧ ଜାଣି ହୁଏ। କାରଣ ଦୁଃଖ ସମୟରେ ମଣିଷର ମନ କିଛି ଭିନ୍ନତା ପ୍ରତିପାଦନ କରେ ଓ ଖୁସିରେ କିଛି ଭିନ୍ନ ଥାଏ । ମାତ୍ର ବୟସ ବଢିବା ସହ ମଣିଷର ହସର ଭାବାତ୍ମକ ପରିବର୍ତ୍ତନ ମଧ ହୁଏ। ଉଭୟ ଛୋଟ ଛୁଆ ଓ ବୟସ୍କଙ୍କ ହସରେ କିଛି ଭିନ୍ନତା ମଧ ପରିଲକ୍ଷିତ ହୁଏ। କୁହାଯାଏ, ବଡ ଲୋକଙ୍କ ଅପେକ୍ଷା ଛୋଟ ଛୁଆମାନେ ଅଧିକ ସମୟ ହସି ପାରନ୍ତି। କାରଣ ବୟସ୍କଙ୍କ ହସ କିଛି ସମୟ ପରେ ବଦଳିଯାଏ। ମାତ୍ର ଛୋଟ ଛୁଆଙ୍କଠାରେ ସେମିତି ହୋଇ ନ ଥାଏ । ଏହାପଛର କାରଣ ହେଉଛି ଛୋଟ ଛୁଆମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ ଭାବରେ ବାନ୍ଧି ହୋଇ ରହି ପାରନ୍ତି। ତାଙ୍କ ପାଖରେ ସେହି ସମାନ ସମୟରେ ଅନ୍ୟ କିଛି ଭାବିବାର ଆବଶ୍ୟକତା ନ ଥାଏ। ଯାହା ବୟସ୍କଙ୍କଠାରେ ଦେଖାଯାଏ।



# ୪ ମାସ ପରେ ସେଟ୍‌ରେ ଆଲିଆ

ଦୀର୍ଘ ଦିନର ପ୍ରତୀକ୍ଷାର ଅବସାନ ଘଟିଛି। ଶେଷରେ 'ଆଲ୍ଫା' ସିନେମା ପାଇଁ ସୁଟିଂ ଆରମ୍ଭ କରିଛନ୍ତି ଅଭିନେତ୍ରୀ ଆଲିଆ ଭଟ୍ଟ। ଜାଣିବାକୁ ମିଳିଛି ଯେ ଆଲିଆ ତାଙ୍କର ଏହି ଚରିତ୍ର ପାଇଁ ନିଜକୁ ଦୀର୍ଘ ୪ ମାସ ଧରି ପ୍ରସ୍ତୁତ କରୁଥିଲେ। ଏହାର ସଂକ୍ଷିପ୍ତ ଟିଜରରେ ଆଲିଆଙ୍କର ଏକ ସଂଳାପ ରହିଛି। ଯେଉଁଥିରେ ତାଙ୍କୁ 'ସବୁ ସହର ଗୋଟିଏ ଜଙ୍ଗଲ ଭଳି। କେବଳ ଜଣେ ଜଙ୍ଗଲ୍ ଉପରେ ରାଜ୍ କରିବ..ସେ ହେଉଛି ଆଲଫା' କହୁଥିବାର ଶୁଣିବାକୁ ମିଳୁଛି। ଆଲିଆଙ୍କର ଏକ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇ ଚାଲିଛି। ଉକ୍ତ ଫଟୋରେ ଆଲିଆ ଏକ ଧଳା ସାର୍ଟ ଏବଂ ନୀଳ ପ୍ୟାଂଟ ପିନ୍ଧିଛନ୍ତି। ଏହା ସହିତ ତାଙ୍କ ନାମ ଛପା ଯାଇଥିବା ଏକ ଛତାକୁ ଜଣେ ବ୍ୟକ୍ତି ତାଙ୍କ ମୁଣ୍ଡ ଉପରେ ଧରିଥିବାର ବି ଦେଖିବାକୁ ମିଳିଛି। ଏହି ଫଟୋଟି ସେ ସୁଟିଂ ସେଟ୍‌କୁ ଯାଉଥିବା ବେଳର ବୋଲି ସୂଚନା ରହିଛି। ତେବେ ସୁଟିଂ ସେଟ୍‌ରୁ ଯେପରି କୌଣସି ଫଟୋ ପ୍ରଘଟ ନହୁଏ ସେଥିପାଇଁ ନିର୍ମାତା ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି। ଆଲିଆ ଚଳିତ ମାସ ପ୍ରଥମ ସପ୍ତାହରେ 'ଆଲ୍ଫା' ଫିଲ୍ମ ପାଇଁ ସୁଟିଂ କାର୍ଯ୍ୟ ଆରମ୍ଭ କରିଛନ୍ତି। ଫିଲ୍ମରେ ତାଙ୍କର ପାଂଚରୁ ଛଅଟି ପ୍ରମୁଖ ଆକ୍ସନ୍ ସିନ୍ ରହିଛି।



# ୫୦ କୋଟି କ୍ଲବରେ ସାମିଲ ହେଲା 'ଇଣ୍ଡିଆନ -୨'

ସିନେମା ହଲରେ ବର୍ତ୍ତମାନ ସାଉଥ ସହିତ ଲଢେଇ ହେଉଛି ବଲିଉଡର। ସାଉଥ ସୁପରଷ୍ଟାର କମଲ ହସନଙ୍କ ସହ ଲଢୁଛନ୍ତି ବଲିଉଡ ଖିଲାଡି ଅକ୍ଷୟ କୁମାର। ମୁହାମୁହିଁ ହେଉଛନ୍ତି 'ଇଣ୍ଡିଆନ-୨' ଓ 'ସରଫିରା'। କମଲ କଳ୍କି '୨୮୯୮ ଏଡି' ପାଇଁ ଚର୍ଚ୍ଚାରେ ଥିବାବେଳେ ଅକ୍ଷୟ କୁମାର ଗତ କିଛି ବର୍ଷ ହେବ ବକ୍ସ ଅଫିସରେ ହିଟ ପାଇଁ ଅପେକ୍ଷାରତ। 'ଇଣ୍ଡିଆନ -୨' ସିନେମାଘରରେ ଧୂମ ମଚାଉଛି। ଫିଲ୍ମ ବକ୍ସ ଅଫିସରେ ୨୫.୬ କୋଟି ରୋଜଗାର କରି ଖାତା ଖୋଲିଛି। ଦ୍ୱିତୀୟ ଦିନରେ ଏହି ସିନେମା ୧୮.୨ କୋଟି କଲେକ୍ସନ କରିଛି। ତୃତୀୟ ଦିନରେ ସିନେମାଟି ପ୍ରାୟ ୭.୪୧ କୋଟି ଆୟ କରିଛି। ତିନି ଦିନରେ 'ଇଣ୍ଡିଆନ-୨' ପ୍ରାୟ ୫୧.୨୧ କୋଟି ଆୟ କରି ସାରିଛି। ସେହିଭଳି 'ସରଫିରା' ୨.୫ କୋଟିରେ ନିଜର ଓପନିଂ କରିଛି। ଦ୍ୱିତୀୟ ଦିନରେ ଏହି ସିନେମା ମାତ୍ର ୪.୨୫ କୋଟି ଆୟ କରିଛି। ସେହିଭଳି ତୃତୀୟ ଦିନରେ ସିନେମାଟି ୨.୬୩ କୋଟି ରୋଜଗାର କରି ପାରିଛି। ତିନି ଦିନରେ ମାତ୍ର ୯.୩୮ କୋଟି ଟଙ୍କା ରୋଜଗାର କରିଛି ଖିଲାଡି କୁମାରଙ୍କ 'ସରଫିରା'।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଅପ୍ରେଲ ୨୭

# ପ୍ରଶ୍ନୋତ୍ତରୀ



ଅନୀତା ପଟ୍ଟନାୟକ

ମୋର ଜଣେ ବାନ୍ଧବୀ ବିଦେଶରେ ରୁହେ । ତାର ନାମ ଆକାଂକ୍ଷା । ସେ ମତେ ଦିନ ଫୋନ ଜରିଆରେ ପଚାରିଲା ଯେ ଆମେ କୌଣସି ଗୁରୁଜନଙ୍କୁ ପ୍ରଣାମ କଲେ ସେମାନେ ଆମକୁ ଦୀର୍ଘାୟୁ ହୁଅ, ତୁମର ଜୀବନ ସୁସ୍ଥ ହେଉ ବୋଲି ସାଧାରଣତଃ କହିଥାନ୍ତି । ନୂତନ ବିବାହ କରିଥିବା ଝିଅ ମାନଙ୍କୁ ପୁତ୍ରବତୀଭବ ଓ ପୁଅ ମାନଙ୍କୁ ଯଶସ୍ୱୀ ଭବ ଏପରି ବିଭିନ୍ନ ପ୍ରକାର ଆଶୀର୍ବାଦ ବିଭିନ୍ନ ଗୁରୁଜନମାନେ ଦେଇଥାନ୍ତି । କେହି କିନ୍ତୁ ଆଧ୍ୟାତ୍ମିକ ଜୀବନରେ ସଫଳତା ପାଇଁ ଆଶୀର୍ବାଦ ଦେଇନଥାନ୍ତି ଏହାର କାରଣ କ'ଣ ?

ମୁଁ ବଡ଼ ଅଡୁଆରେ ପଡ଼ିଗଲି । ଭାବିଲି ମୋର ବାନ୍ଧବୀଟି ବିଦେଶରେ ଥିଲେ ମଧ ମତେ ମନେରଖି ଆଧ୍ୟାତ୍ମିକ ଜୀବନ ବିଷୟରେ ପଚାରୁଛି । ଭାବିଲି ଏହାର କଣ ଉତ୍ତର ଦେବି ? କିଛି ଦିନ ଚିନ୍ତାକରି ତାକୁ ତାର ପ୍ରଶ୍ନର ଏକ ଉତ୍ତର ଲେଖିଥିଲି । ଆଜି ପର୍ଯ୍ୟନ୍ତ ଜାଣିନାହିଁ ସେ ଉତ୍ତରଟି ଠିକ କି ଭୁଲ । ଏହାକୁ ସାର୍ବଜନୀନ କରିବି ବୋଲି ଭାବି ଏକଥାଟି ଲେଖୁଛି । ତାକୁ ମୁଁ ଲେଖିଥିଲି ଦୀର୍ଘ ଜୀବନ ହେଲେ ଜଣେ ଆଧ୍ୟାତ୍ମିକ ସାଧନା ସୁରୁଖୁରୁରେ କରିପାରିବ । ଶରୀର ସୁସ୍ଥ ରହିଲେ ଯାହାକି ଗୋଟିଏ ଗାଡ଼ି ପରି ତାହାକୁ ଆମେ ଲକ୍ଷ୍ୟ ସ୍ଥଳରେ ପହଁଞ୍ଚାଇ ପାରିବା । ଏକ ଆଧ୍ୟାତ୍ମିକ ଜୀବନ ହିଁ ମଣିଷ ଜୀବନର ମୂଳ ଲକ୍ଷ୍ୟ । ଆଧ୍ୟାତ୍ମିକ ଜୀବନ ଯାତ୍ରା ହେଉଛି ଏକ ଶାଶ୍ୱତ ଯାତ୍ରା । ଆଜିକାଲି ଅନେକ ଗୁରୁ ଆଧ୍ୟାତ୍ମିକ ସାଧନାକୁ ଧନ ସହିତ ଯୋଡ଼ି ଥିବାରୁ ଏପରି ଆଶୀର୍ବାଦ ଆମକୁ ମିଳିଛି । କିନ୍ତୁ ପ୍ରକୃତ ଗୁରୁ କେବେ ଧନ ଗ୍ରହଣ କରେନା । ସେ କେବଳ ଦେବା ଶିଖିଥାଏ, ନେବା ନୁହେଁ । ତାର ଅଜବ ଗଜବ ପ୍ରଶ୍ନ ଭାରି ଭଲ ଲାଗେ । ଦିନେ ସେ ମତେ ପଚାରିଲା ଭାରତରେ କୋଟି କୋଟି ଲୋକ ମହାକୁମ୍ଭରେ ସ୍ନାନ କରିବାକୁ ଯାଉଛନ୍ତି । ଏସବୁ କଣ ଆଧ୍ୟାତ୍ମିକ ସାଧନା ?

ପୁଣିଥରେ ଅଡୁଆରେ ପଡ଼ି ମୁଁ ଉତ୍ତରଟି ଲେଖିଥିଲି ଠିକ କି ଭୁଲ ମୁଁ ଜାଣେନି । ମୁଁ ତାକୁ ଉତ୍ତରରେ ଲେଖିଲି ଆମେ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ପାଳନ କରୁ । ଆମେ ଜାତୀୟ ପତାକା ତଳେ ଠିଆ ହୋଇ ସମ୍ମାନ ପ୍ରଦର୍ଶନ କରୁ । ଦେଶ କହିଲେ କ'ଣ ସେହି କନା ଖଣ୍ଡକୁ ବୁଝାଏ ? ଆମେ ସମ୍ମାନର ସହିତ ଜାତୀୟ ପତାକାକୁ ସମ୍ମାନ ଦେଇଥାଉ । କନା ଭାବରେ ନୁହେଁ ସେ କନାଟି ଆମର ଦେଶ ଓ ଜାତିର ଗୌରବର ଚିହ୍ନ ବୋଲି ଭାବିଥାଉ ଓ ଦେଶାତ୍ମବୋଧର ଭାବନା ଆମ ମନରେ ଜାଗ୍ରତ ହୁଏ । ଆମେ କହିଥାଉ ଏହା ଆମ ମାତୃଭୂମିର ଚିହ୍ନ ।

ସେ ଆଉ ଦିନେ ଆଉ ଏକ ଅଜବ ପ୍ରଶ୍ନ କରି ମତେ ପଚାରିଲା ଭାରତରେ ସବୁ ପୂଜାପାଠରେ ଏତେ ନଡ଼ିଆ କାହିଁକି ପୂଜା କରାଯାଏ ଓ ଭଙ୍ଗାଯାଏ ? ସେ କହିଲା ଗତ ଥର ଯେତେବେଳେ ମୁଁ ଓଡ଼ିଶା ଯାଇଥିଲି ସେତେବେଳେ ମୁଁ ଦେଖିଥିଲି ନାଲିକନା ଗୁଡ଼ାଇ ଦେବୀ ପୀଠରେ ନଡ଼ିଆ ପୂଜା କରାଯାଉଛି ଓ ନଡ଼ିଆକୁ ବସ ଜରିଆରେ ଦେବୀପୀଠ ପାଖକୁ ପଠାଯାଉଛି । ଏମିତି ଗୋଟେ ପ୍ରଶ୍ନର କ'ଣ ଉତ୍ତର ଦେବି ଭାବି ମୁଁ ତାକୁ ଚିଠିରେ ଲେଖିଲି ନଡ଼ିଆକୁ ଭୋଗରେ ପରିଣତ କରିବାକୁ ହେଲେ ପ୍ରଥମେ ତାର କତାକୁ ଛଡ଼ାଇବାକୁ ପଡ଼େ । ନଡ଼ିଆର କତା ହେଉଛି ମନୁଷ୍ୟ ଭିତରେ ଥିବା ପଶୁତ୍ୱଭାବ ତାକୁ ଅନ୍ୟ ଅର୍ଥରେ କହିବାକୁ ହେଲେ ତାହା ହେଉଛି ତାମସିକ ଭାବ । କତା ଛଡ଼ାଇବା ପରେ ନଡ଼ିଆର ଟାଣ ଅଂଶଟି ଆସେ । ଟାଣ ଅଂଶଟି ଭାଙ୍ଗିଲେ ନଡ଼ିଆ ଭିତରେ ଥିବା ପବିତ୍ର ଜଳ ଓ ଧଳାଅଂଶ ପାଖରେ ମନୁଷ୍ୟ ପହଞ୍ଚେ । ଆମର ଆକାଂକ୍ଷା, ଆମର କାମନା ବାସନା, ଆମର ଭାବବେଗ ଏସବୁ ରାଜସିକ ଲକ୍ଷଣ । ନଡ଼ିଆଟିକୁ ଫଟାଇବା ପରେ ଏକ ଧଳା ଅଂଶ ପ୍ରତୀୟମାନ ହୁଏ । ଯାହାକି ଶାନ୍ତି ଶୁଦ୍ଧତା, ସତ୍ୟ ଓ ପ୍ରେମକୁ ବୁଝାଏ । ଉକ୍ତ ଧଳାଅଂଶଟି ସାତ୍ୱିକ ଗୁଣର ପରିଚୟ ଦିଏ ଓ ତା ଭିତରେ ଥିବା ମିଠା ପାଣି ଦିବ୍ୟତ୍ୱର ଚିହ୍ନ ସ୍ୱରୂପ ଥାଏ । ଯାହାକୁ ପୂଜା ସମୟରେ ନାରିକେଳ ଫଳୋଦକଂ ସମର୍ପୟାମି କହି ଆମର ଆରାଧ ଦେବତାଙ୍କୁ ଅର୍ପଣ କରୁ । ତେଣୁ ଆମର ଭାରତୀୟ ସଂସ୍କୃତି ଓ ଐତିହ୍ୟରେ ରୀତିନୀତିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଅନେକେ ଏହାକୁ ନ ବୁଝି ଯନ୍ତ୍ରଚାଳିତ ମେସିନ ଭଳି କାମ କରିଥାନ୍ତି । ଭାରତୀୟ ସଂସ୍କୃତି ଓ ଐତିହ୍ୟରେ ପ୍ରତ୍ୟେକ ରୀତିନୀତିର ଗୁଢ଼ ରହସ୍ୟ ରହିଅଛି । ସେ ମୂଲ୍ୟବୋଧକୁ ବିଚାରକୁ ନେଇ ପୂଜାର୍ଚ୍ଚନା କରିବା ହିଁ ପ୍ରକୃତ ଆଧ୍ୟାତ୍ମିକ ସାଧନା । ମୁଁ ଜାଣେନାହିଁ ଏ ଉତ୍ତରଟି ଠିକ ଥିଲା ନା ନାହିଁ । ଏହାକୁ ତର୍ଜମା କରିବାର ଭାର ମୋର ଶ୍ରଦ୍ଧେୟ ପାଠକ ପାଠିକା ମାନଙ୍କୁ ଦେଲି ।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ,*
*ସେକ୍ଟର-୧୦, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# ହୋମ ଲୋନ ପାଇଁ ଚାର୍ଜ



ଡକ୍ଟର ତପନ କୁମାର ପାଳ

ଆମେ ଘରଟିଏ କରିବାର ସ୍ୱପ୍ନ ପୂରଣ ପାଇଁ ଟଙ୍କା ସଞ୍ଚୟ କରୁ । ଅନେକ ଲୋକଙ୍କର ଜୀବନରେ ବଡ଼ ପ୍ରାପ୍ତି ଓ ଆନନ୍ଦ ଥାଏ ଏକ ସ୍ୱପ୍ନର ଘର ତିଆରି କରିବା ପାଇଁ । ହେଲେ ଅନେକ ସମୟରେ ଟଙ୍କା ଅଭାବ ଯୋଗୁଁ ଗୃହଋଣ କରିବାକୁ ପଡ଼େ, ଯଦି ଆପଣ ଗୃହଋଣ ନେବା ବିଷୟରେ ଭାବୁଛନ୍ତି, ତେବେ ନିୟମ ଓ ସର୍ତ୍ତାବଳୀ ବ୍ୟତୀତ, ଋଣ ନେବା ସମୟରେ ଆପଣଙ୍କୁ କେଉଁ ଅତିରିକ୍ତ ଚାର୍ଜ ଗୁଡ଼ିକ ଦେବାକୁ ପଡ଼ିବ ଜାଣିବା ଆବଶ୍ୟକ ।

ସର୍ବପ୍ରଥମେ ଜାଣନ୍ତୁ ଏ ନେଇ ଆପ୍ଲିକେସନ ଚାର୍ଜ ବ୍ୟବସ୍ଥାଟି କ'ଣ ? ଜଣେ ଋଣ ଆବେଦନ କରିବାବେଳେ ଆପଣଙ୍କୁ ଏହି ଚାର୍ଜ ଦେବାକୁ ପଡ଼ିବ । ଋଣ ନ ମିଳିଲେ ବି ଏହି ଶୁଳ୍କ ଫେରସ୍ତଯୋଗ୍ୟ ନୁହେଁ । ତେଣୁ ଆବେଦନ ପୂର୍ବରୁ ଆପଣ କେଉଁ ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥାରୁ ଋଣ ନେବାକୁ ଚାହୁଁଛନ୍ତି, ତାହା ପ୍ରଥମେ ନିଶ୍ଚିନ୍ତ କରିବା ଉଚିତ । ଏଥିପାଇଁ ଓକିଲଙ୍କ ଫିସ ଗ୍ରାହକ ନିଜେ ପ୍ରଦାନ କରନ୍ତି । ଯଦି ଆପଣ ଆଇନଗତ ଫି ସଞ୍ଚୟ କରିବାକୁ ଚାହାନ୍ତି, ତେବେ ଆପଣ ପୂର୍ବରୁ ଜାଣିବା ଉଚିତ ଯେ ଆପଣ ଯେଉଁ ପ୍ରକଳ୍ପରେ ନିବେଶ କରୁଛନ୍ତି ତାହା କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥାଠୁ ଅନୁମୋଦନ ପାଇଛି କି ନାହିଁ । ଅନେକ ହୁଏତ ଜାଣି ନଥିବେ ତେବେ ଏହି ହୋମଲୋନ ବ୍ୟବସ୍ଥାରେ ପ୍ରିପେମେଣ୍ଟ ଚାର୍ଜ ବ୍ୟବସ୍ଥା ବି ରହିଛି । କେବେକେବେ ଆମେ ଧାର୍ଯ୍ୟ ସମୟ ପୂର୍ବରୁ ଋଣ ପରିଶୋଧ କରିବା ପାଇଁ, ଋଣର ଏକ ଅଂଶ ପୈଠ କରିଥାଉ । ଏହାକୁ ପ୍ରିପେମେଣ୍ଟ କୁହାଯାଏ । ଏହି ପରିସ୍ଥିତିରେ ବ୍ୟାଙ୍କ ଏହାର ଖର୍ଚ୍ଚ ଓ ସୁଧ ହାର କ୍ଷତି ଭରଣା କରିବା ପାଇଁ ପ୍ରିପେମେଣ୍ଟ ଚାର୍ଜ କିମ୍ବା ଜରିମାନା ଆଦାୟ କରେ । ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନରେ ଏହି ଦେୟ ଭିନ୍ନ । ବ୍ୟାଙ୍କିଙ୍ଗ କ୍ଷେତ୍ରରେ କମିଟମେଣ୍ଟ ଫିସ ବ୍ୟବସ୍ଥା ରହିଛି । ଅନେକ ବ୍ୟାଙ୍କ ଗ୍ରାହକଙ୍କ ଠାରୁ କମିଟମେଣ୍ଟ ଫିସ ଆଦାୟ କରନ୍ତି । ଗ୍ରାହକ ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପରିଶୋଧ ନକଲେ ଏହି ଶୁଳ୍କ ଆଦାୟ କରାଯାଏ । ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ଯାହାକି ଋଣ ନେଉଥିବା ଲୋକମାନଙ୍କର ଅତ୍ୟନ୍ତ ଜରୁରୀ କଥା ତାହା ହେଉଛି ଆବେଦନ ପୂର୍ବରୁ ବିଭିନ୍ନ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନର ସୁଧହାର ଓ ଆର୍ଥିକ ସୁବିଧାଗୁଡ଼ିକୁ ତୁଳନା କରନ୍ତୁ । ବଜେଟ ଅନୁସାରେ ଋଣ ନିଅନ୍ତୁ । ଅଧିକ ଋଣ ନେଲେ ପରିଶୋଧରେ ଅସୁବିଧା ହୋଇପାରେ । ଆର୍ଥିକ ସମସ୍ୟା ଏଡ଼ାଇବା ପାଇଁ ଆବେଦନ ପୂର୍ବରୁ ସୁଧହାର ଓ ସଞ୍ଚୟ ଆଦି ହିସାବ କରନ୍ତୁ । ଋଣ ଚୁକ୍ତିନାମା ସ୍ୱାକ୍ଷର କରିବା ପୂର୍ବରୁ ଋଣର ନିୟମ ଓ ସର୍ତ୍ତାବଳୀକୁ ଭଲଭାବେ ପଢ଼ନ୍ତୁ ଓ ବୁଝନ୍ତୁ । ବ୍ୟାଙ୍କରୁ ଲୋନ ନେଲାବେଳେ ଉପରୋକ୍ତ ଦିଗ ଗୁଡ଼ିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭାବେ ଓ ଭଲ ଭାବେ ବୁଝନ୍ତୁ ଏବଂ ଏହାପରେ ଲୋନ ନେବା ସମ୍ପର୍କରେ ନିଷ୍ପତ୍ତି ନିଅନ୍ତୁ । କୌଣସି ସୋସିଆଲ ମିଡ଼ିଆର ତଥ୍ୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ନ ବୁଝି ନିଷ୍ପତ୍ତି ନିଅନ୍ତୁ ନାହିଁ । କାରଣ ଏହା ପରବର୍ତ୍ତୀ ସମୟରେ ଆପଣଙ୍କୁ ଅସୁବିଧାରେ ପକାଇପାରେ । ଅନେକ ଲୋକ ବିଭ୍ରାନ୍ତର ଶିକାର ହୋଇ ପରବର୍ତ୍ତୀ ସମୟରେ ଅନେକ ଅସୁବିଧା ଓ ସମସ୍ୟାକୁ ସାମ୍ନା କରିଥାନ୍ତି । ତେଣୁ ହୋମଲୋନ ସମ୍ପର୍କରେ ଆପଣଙ୍କ ନିକଟସ୍ଥ ବ୍ୟାଙ୍କ ସହ ଭଲ ଭାବେ ବୁଝି ଏ କ୍ଷେତ୍ରରେ ନିଷ୍ପତ୍ତି ନେବା ଜରୁରୀ ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,
ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ

# ମଧୁ ବାରିଷ୍ଟର ସାଙ୍ଗେ ଲଢ଼ିବି...



ପୁଷ୍ପମିତ୍ର ମହାପାତ୍ର

ହଜାର ବର୍ଷର ପରିଚୟ, କିମ୍ବଦନ୍ତୀଙ୍କୁ ନେଇ କଟକ ସହରର ପରିଚୟ । ସ୍ୱାଭିମାନୀ ଉତ୍କଳ ଗୌରବ ମଧୁବାବୁଙ୍କ ବିନା କଟକର ପରିଚୟ ଅପୂର୍ଣ୍ଣ । ଓଡ଼ିଆ ଜାତି ଓ ଆମ ବୀରଭୂମି କଳିଙ୍ଗର ସମ୍ମାନ, ସ୍ୱାଭିମାନକୁ ବଜାୟ ରଖିବା ପାଇଁ ଉତ୍କଳର କର୍ଣ୍ଣଧାର ଜନନାୟକ ମଧୁସୂଦନଙ୍କ ତ୍ୟାଗ, ଉତ୍ସର୍ଗୀକୃତ ସାଧନା ଓ ବଳୀଦାନର ପଟ୍ଟାନ୍ତର ନାହିଁ । ଏହି ଜାତିର ସମ୍ମାନକୁ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱ ଦରବାରରେ ଶ୍ରେଷ୍ଠତ୍ୱରେ ପହଞ୍ଚାଇବା ପାଇଁ ଏହି ଜନନାୟକଙ୍କ ବଳିଦାନର ମୂଲ୍ୟ ଏହି ରାଜ୍ୟ କେବେ ବି ପୂରଣ କରିବାକୁ ସମର୍ଥ ହେବନାହିଁ ।

'କାଳିଆ ଘୋଡ଼ାରେ ଚଢ଼ିବି ମଧୁ ବାରିଷ୍ଟର ସାଙ୍ଗେ ଲଢ଼ିବି.......' ଓଡ଼ିଆ ଜନ ଜୀବନରେ ଏହି ଲୋକପ୍ରିୟ ଧାଡ଼ିଟି ଉତ୍କଳ ଗୌରବ ମଧୁସୂଦନଙ୍କ କାଳଜୟୀ କୀର୍ତ୍ତିକୁ ଏହି ଜାତିର ପ୍ରତିଟି ଓଡ଼ିଆଙ୍କ ପାଇଁ ପ୍ରେରଣାର ବାର୍ତ୍ତା ବହନ କରେ । କେବଳ ରାଜନୈତିକ ଚେତନା ନୁହେଁ ଉତ୍କଳୀୟ ଜାତୀୟତାର ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଥିଲେ ଯଥାର୍ଥରେ ସମଗ୍ର ଭାରତରେ ଜଣେ ବିଶିଷ୍ଟ ଜନନାୟକ । ନିଜ ତମାମ ଜୀବନକୁ ଓଡ଼ିଆ ଜାତିର ସ୍ୱାର୍ଥ ଓ ବୃହତ୍ତର ଓଡ଼ିଶା ଗଠନ ପାଇଁ ସେ ଉତ୍ସର୍ଗ କରିଥିଲେ । ମଧୁ ବାବୁଙ୍କ ଜାତୀୟତାର ପ୍ରେରଣା ଚିରକାଳ ପାଇଁ ଓଡ଼ିଆ ଜାତି ପାଇଁ କ୍ରାନ୍ତିର ବହ୍ନି ସଦୃଶ ପିଢ଼ି ପିଢ଼ିକୁ ଦିଗ୍‌ଦର୍ଶନ ଦେଇ ଆସୁଛି । ଜଣେ କର୍ମଯୋଗୀ ଭାବେ ମଧୁସୂଦନଙ୍କ ଜୀବନ ଓ ତାଙ୍କ ଦିବ୍ୟଦୃଷ୍ଟି ସମଗ୍ର ଓଡ଼ିଶାର ସ୍ୱତନ୍ତ୍ରତା ପ୍ରତିଷ୍ଠା ପାଇଁ କ୍ରାନ୍ତିର ମଶାଲ ପରି ଯେଉଁ ପ୍ରେରଣାର ବହ୍ନି ପ୍ରଜ୍ୱଳିତ କରିଯାଇଛନ୍ତି ତାହାକୁ ଏ ଜାତି କେବେ ବି ଭୁଲି ପାରିବ ନାହିଁ ।

କୂଳବୃଦ୍ଧ ମଧୁସୂଦନଙ୍କ ଜାତୀୟତା ଓ ତ୍ୟାଗ ବିଷୟରେ ଜାତିର ଜନକ ସମସ୍ତଙ୍କର ପ୍ରିୟ ବାପୁଜୀ ମହାତ୍ମା ଗାନ୍ଧୀ ଉଲ୍ଲେଖ କରିଛନ୍ତି – 'ଜଣେ ଦେଶଭକ୍ତ ଭାବେ ମଧୁସୂଦନ ସମସ୍ତଙ୍କ ପାଇଁ ଚିରକାଳ ସ୍ମରଣୀୟ । ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ବି ହିନ୍ଦୁ ଧର୍ମ ପ୍ରତି ତାଙ୍କର ବିଶ୍ୱାସ ଅନୁରାଗ ରହିଥିଲା । ସେ ନିଜ ଜୀବନକୁ ନିଶେଷ କରିଦେଇ ଦେଶବାସୀଙ୍କୁ ଜାତୀୟତାର ସନ୍ଦେଶ ଅନୁପ୍ରାଣୀତ କରିଯାଇଛନ୍ତି' । ସେହିପରି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସାରଥୀ ମହର୍ଷି ଶ୍ରୀ ଅରବିନ୍ଦ ମଧୁବାବୁଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ – "ଓଡ଼ିଶାରେ ବର୍ତ୍ତମାନ ଏକ ନବଚେତନା ଓ ନବଜାଗରଣର ସୂତ୍ରପାତ ହୋଇଛି । ଓଡ଼ିଶା ତା'ର ଅସ୍ତିତ୍ୱ ରକ୍ଷା ଲାଗି ଏକ ସୁଦକ୍ଷ ଶକ୍ତିଶାଳୀ ନେତାଙ୍କ ଅଧିନାୟକତ୍ୱରେ ଲାଗି ପଡ଼ିଛି ।"

ବାଲ୍ୟକାଳୁ ମଧୁବାବୁ ଦାରିଦ୍ର୍ୟ ଓ ପ୍ରତିକୂଳ ପରିସ୍ଥିତି ସହ ସଂଗ୍ରାମ କରି ପରବର୍ତ୍ତୀ ସମୟରେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରି ଅନେକ କଷ୍ଟ ସ୍ୱୀକାର ଭିତରେ ଓକିଲାତି ପାସ କରିଥିଲେ । କେବଳ ସେତିକି ନୁହେଁ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ନିଜ ତମାମ ଜୀବନର ଶ୍ରମ, ସମୟ, ପ୍ରତିପତି ଓ ଅର୍ଥକୁ ସେ ନିଶେଷ କରି ଦେଇଥିଲେ । ସଦାସର୍ବଦା ନିଜ ଜନ୍ମଭୂମି ଓଡ଼ିଶା ମାଟିର ସ୍ୱାଭିମାନକୁ ରକ୍ଷା ପାଇଁ ସେ କେବେ ବି କୌଣସି ପରିସ୍ଥିତି ସହ ସାଲିସ୍ କରିନାହାଁନ୍ତି । ତମାମ ଜୀବନରେ ନିଜର ସମସ୍ତ ଅର୍ଥକୁ ବୃହତ୍ତର ଓଡ଼ିଶା ଗଠନ ପାଇଁ ଓ ଯେ କୌଣସି କ୍ଷେତ୍ରରେ ଭାଙ୍ଗି ପଡୁଥିବା ବା ଦୁଃଖ ଓ ଅଭାବ ସହିତ ସଂଗ୍ରାମ କରୁଥିବା ଓଡ଼ିଆଙ୍କ ପାଇଁ ସେ କ୍ରାନ୍ତୀର ଦେବଦୂତ ପରି ନିଜର ସମସ୍ତ ଅର୍ଥ ଖର୍ଚ୍ଚ କରି ଜୀବନର ଶେଷ ସମୟରେ ସେ କପର୍ଦ୍ଦକଶୂନ୍ୟ ହୋଇଯାଇଥିଲେ । ଏଇ ସେଇ ଓଡ଼ିଆ ଜାତି ସର୍ବସ୍ୱ ଦେଶପ୍ରାଣ ମଧୁସୂଦନ ଦାସ । ଏ ଦେଶ, ଏ ଜାତି ପାଇଁ ତାଙ୍କ ଦାନର ପଟାନ୍ତର ନାହିଁ । କର୍ମର କଳନା ନାହିଁ । ତାଙ୍କର ଯଶୋଗାନ ଓ ବୈଶିଷ୍ଟ୍ୟ ବିଚାର ପାଇଁ ଭାଷା ନାହିଁ । ଜାତି ପାଇଁ ସର୍ବସ୍ୱ ଦାନ କରି ସେ ନିଃସ୍ୱ, ନିଃଶେଷ ହୋଇଯାଇଛନ୍ତି । କିନ୍ତୁ ତାଙ୍କର ତ୍ୟାଗ, ତପସ୍ୟା ନିଷ୍ଫଳ ହୋଇଯାଇନାହିଁ । ତାଙ୍କର ଜୀବନାଦର୍ଶ ଯୁଗ ଯୁଗ ଧରି ଆମ ଯାତ୍ରାପଥର ପାଥେୟ ହୋଇ ରହିଥିବ । ମଧୁବାବୁ ଏହି ସମାଜ ପାଇଁ ଆମ ବୃହତ୍ତର ଓଡ଼ିଶା ପାଇଁ ଥିଲେ ସ୍ୱୟଂ ଦେବଦୂତ । ଯେଉଁ ସମୟରେ ଓଡ଼ିଆ ଜାତି ଓ ଓଡ଼ିଶା ରାଜ୍ୟ ବିଖଣ୍ଡିତ ହେବାର ସ୍ଥିତିରେ ପହଞ୍ଚିଥିଲା ସେହି ସମୟରେ ସ୍ୱାଭିମାନର ପ୍ରତୀକ ମଧୁବାବୁ ସମସ୍ତଙ୍କ ଭିତରେ ଜାଗରଣ ଓ ପ୍ରେରଣା ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ । ଯଦି ଏହି ଜାତି ପାଇଁ ସ୍ୱାଭିମାନର ପ୍ରତୀକ କାହାଙ୍କୁ ବିଚାର କରାଯିବାର ପ୍ରସଙ୍ଗ ଆସେ ଏ କ୍ଷେତ୍ରରେ ଜଣକ ନାଁକୁ ପ୍ରତିଟି ଓଡ଼ିଆ ଶ୍ରଦ୍ଧା ଓ ସମ୍ମାନର ସହିତ ଉଚ୍ଚାରଣ କରିପାରିବେ ସେ ହେଉଛନ୍ତି ସମସ୍ତଙ୍କର ପ୍ରିୟ ମଧୁବାବୁ ।

ପିଲାମାନଙ୍କ ପାଇଁ ଯେଉଁ ଲୋକ ଧାଡ଼ିଟି ବହୁଳ ପ୍ରିୟତା ଅର୍ଜନ କରିଛି ତାହା ଯଥାର୍ଥ ଏହି ଜାତି ପାଇଁ । ମଧୁବାବୁ ନିଜ ସ୍ୱାଭିମାନର ପ୍ରତୀକକୁ ପାଥେୟକରି ଘୋଡ଼ା ଚଢ଼ା ସହ ତତ୍କାଳୀନ ସମୟରେ ଯେଉଁ ସମ୍ମାନ ପାଇଥିଲେ ତାହା ସଂପ୍ରତି ଆଜି ଓଡ଼ିଆ ଜାତି ପାଖରେ ପ୍ରାୟତଃ ଦିଶୁନାହିଁ । ସ୍ୱାଭିମାନକୁ ନେଇ ଯେଉଁ ଦିବ୍ୟ ବ୍ୟକ୍ତିତ୍ୱ କେବେ ବି ନିଜ ରାଜ୍ୟର ସମ୍ମାନକୁ ସାଲିସ୍ କରିବାକୁ ଚିନ୍ତା ବି କରିନଥିଲେ ସେହି ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଆଜି ଗଠନ ହେଲାପରେ କେଉଁ ସ୍ଥିତିରେ ପହଞ୍ଚିଛି ତାହା ସମସ୍ତଙ୍କୁ ଜଣା । ଓଡ଼ିଶାର ରାଜନୈତିକ, ସାମାଜିକ, ସାଂସ୍କୃତିକ, ସାରସ୍ୱତ କ୍ଷେତ୍ରକୁ ଦେଖିଲେ ଆଜି ସବୁଠି ସମସ୍ତଙ୍କର ପ୍ରିୟ ସ୍ୱାଧୀନଚେତା ନିର୍ଭୀକ ସ୍ୱାଭିମାନର ସତ୍ୟନିଷ୍ଠ ପୂଜାରୀ ମଧୁବାବୁଙ୍କ ବ୍ୟକ୍ତିତ୍ୱ ସ୍ମରଣକୁ ଆସୁଛି । ଯେତେଦିନ ପର୍ଯ୍ୟନ୍ତ ଏହି ଓଡ଼ିଆ ଜାତି ଯୁଗ ଯୁଗ ପାଇଁ ରହିଥିବ ସେତିକି ଦିନ ପର୍ଯ୍ୟନ୍ତ ମଧୁବାବୁ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ମଉଡ଼ମଣୀ ଭାବରେ ବିରାଜିତ ହୋଇ ରହିଥିବେ । ନିଜ ରାଜ୍ୟର ସ୍ୱାଭିମାନ ପାଇଁ ନିଜ ମାତୃଭୂମିର ଅଖଣ୍ଡତା ପାଇଁ ଆଉ ନିଜ ବ୍ୟକ୍ତିତ୍ୱକୁ କୌଣସି ପରିସ୍ଥିତିରେ ସାଲିସ୍ ନକରି ଯେଉଁ ଶ୍ରେଷ୍ଠ ନାୟକ ଯେଉଁ ଓଡ଼ିଆ ପୁଅ ଏହି ମାଟିର ଟେକ ରଖିଛନ୍ତି ତାଙ୍କରି ଅବର୍ତ୍ତମାନରେ ତାଙ୍କରି ସ୍ମୃତିକୁ ପାଥେୟକରି ତାଙ୍କର ସ୍ୱପ୍ନର ସ୍ୱତନ୍ତ୍ର ଓଡ଼ିଶା ପାଇଁ ନିଜ ସ୍ୱାର୍ଥକୁ ପଛରେ ପକାଇ ଏହି ଜାତିର ସ୍ୱାଭିମାନ ଆଉ ସମ୍ମାନର ଟେକ ରଖି ପାରିଲେ ତାହା ହିଁ ହେବ ଏହି ଜାତିର କର୍ଣ୍ଣଧାରା ପଟ୍ଟପୁରୋଧା ଆଉ ସ୍ୱାଭିମାନର ପ୍ରତୀକ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ସେକ୍ଟର-୬, ସିଡିଏ, କଟକ,*
*ଦୂରଭାଷ : ୯୪୩୭୨୨୫୬୮୯*

# ସ୍ୱାସ୍ଥ୍ୟ ବୀମାରୁ ବଂଚିତ ମାନସିକ ବିକୃତ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏହା ନିସହେହ ଯେ, ସାଂପ୍ରତିକ ସମୟରେ ସ୍ୱାସ୍ଥ୍ୟ ବୀମା ଉଭୟ ରୋଗୀ ଏବଂ ରାଜନୈତିକ ଦଳମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ରୋଗୀଙ୍କୁ ଅତ୍ୟଧିକ ବ୍ୟୟଭାରରୁ ଆର୍ଥୀକ ସୁରକ୍ଷା ପ୍ରଦାନ କରିଥିବା ସମୟରେ ରାଜନୈତିକ ଦଳମାନଙ୍କ ପାଇଁ ଭୋଟ ବ୍ୟାଙ୍କ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡିକ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ସ୍ୱାସ୍ଥ୍ୟ ବୀମା ପ୍ରତିଶ୍ରୁତିକୁ ଅଗ୍ରାଧିକାର ଦେଇଥାନ୍ତି । କେବଳ ଏତିକି ନୁହେଁ, ସ୍ୱାସ୍ଥ୍ୟ ବୀମା ନେଇ ଏବେ କେତେକ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଥିବା ଲକ୍ଷ୍ୟ କରାଯାଏ । କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଦେଶରେ ଆୟୁଷ୍ମାନ ଭାରତ ଯୋଜନାରେ ଦେଶର ପ୍ରତ୍ୟେକ ଅସହାୟ ଗରିବ ପରିବାରଙ୍କୁ ପୁରୁଷମାନଙ୍କ ପାଇଁ ବାର୍ଷିକ ୫ଲକ୍ଷ ଏବଂ ମହିଳାମାନଙ୍କୁ ବାର୍ଷିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଅର୍ଥାତ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେଇଛନ୍ତି । କେତେକ ରାଜ୍ୟ ସରକାର ମଧ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ବହୁ ଜଟିଳ ରୋଗ କ୍ଷେତ୍ରରେ ଖ୍ୟାତନାମା ସରକାରୀ ଏବଂ ବେସରକାରୀ ହସ୍‌ପିଟାଲରେ ସ୍ୱାସ୍ଥ୍ୟବୀମା ରୋଗୀଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେଇଥିବାବେଳେ ମାନସିକ ବିକୃତ ବା ମାନସିକ ଅସୁସ୍ଥ ବ୍ୟକ୍ତି ସ୍ୱାସ୍ଥ୍ୟବୀମା ସହାୟତା ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ହୁଏ । ମାର୍ସ ମ୍ୟାକଲେନ୍ନାନ ଇଣ୍ଡିଆ ଏବଂ ଏମପାଓ୍ୱାର ନାମକ ଶିକ୍ଷା ଟ୍ରଷ୍ଟ ପକ୍ଷରୁ ରାଇଜ୍ ଅଫ୍ ଫର ଏ ବେଟର ଟୁମୋର ମେଂଟାଲ ହେଲଥ୍ ରିପୋର୍ଟରେ ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ ଦେଶରେ ମାତ୍ର ୧ପ୍ରତିଶତ ମାନସିକ ବିକୃତ ତଥା ମାନସିକ ଅସୁସ୍ଥ ବ୍ୟକ୍ତି ଚିକିତ୍ସା ଲାଗି ସ୍ୱାସ୍ଥ୍ୟ ବୀମା ଦାବୀ କରିଥିବା କୁହାଯାଇଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୪୩ପ୍ରତିଶତ ବୀମା କମ୍ପାନୀ ବା ସଂସ୍ଥା ମାନସିକ ବିକୃତ ବା ଅସୁସ୍ଥଜନିତ ରୋଗକୁ ବୀମାଭୁକ୍ତ କରି ନାହାଁନ୍ତି । ଅଥଚ ଦେଶରେ ମାନସିକ ବିକୃତଙ୍କୁ ବୀମାଭୁକ୍ତ କରିବା ପାଇଁ ମେଂଟାଲ ହେଲଥ କେୟାର – ୨୦୧୭ ଆଇନରେ ବାଧ୍ୟତାମୂଳକ ବ୍ୟବସ୍ଥା ରହିଛି । ଆହୁରି ମଧ ମାନସିକ ଅସୁସ୍ଥଙ୍କୁ ବୀମାଭୁକ୍ତ କରିବା ପାଇଁ 'ଦ ଇନ୍‌ସ୍ୟୁରାନସ୍ ରେଗୁଲାଟେରୀ ଆଣ୍ଡ ଡେଲଭପମେଂଟ ଅଥରିଟ୍ ଅଫ ଇଣ୍ଡିଆ(ଆଇଆରଡିଏଏଲ) ୨୦୧୯ରେ ଜାରି କରିଥିବା ଗାଇଡଲାଇନରେ ନିର୍ଦ୍ଦେଶ ଦେଇଥିଲେ । ମାନସିକ ବିକୃତଙ୍କୁ ବୀମାଭୁକ୍ତ ବା ମାଗଣା ଚିକିତ୍ସା ସୁବିଧା ଯୋଗାଇଦେବା ଲାଗି ଆଇନଗତ ବାଧ୍ୟବାଧକତା ଏବଂ ଆଇଆରଡିଏଲର ନିର୍ଦ୍ଦେଶ ସତ୍ତ୍ୱେ ଚିକିତ୍ସା ସେବାର ଆବଶ୍ୟକତା ଏବଂ ବାସ୍ତବ ଉପଲବ୍ଧ ମଧ୍ୟରେ ବହୁ ବ୍ୟବଧାନ ରହିଛି । ପ୍ରଥମତଃ ହିତାଧିକାରୀଙ୍କ ମଧ୍ୟରେ ବ୍ୟାପକ ସଚେତନତାର ଅଭାବ ରହିଛି । ରିପୋର୍ଟରେ କୁହାଯାଇଛି ଯେ, ୪୨ପ୍ରତିଶତରୁ ଅଧିକ ମାନସିକ ଅସୁସ୍ଥଙ୍କ ସମ୍ପର୍କୀୟ ସ୍ୱାସ୍ଥ୍ୟବୀମା ଭୁକ୍ତ ହୋଇନାହାଁନ୍ତି ଓ ସ୍ୱାସ୍ଥ୍ୟବୀମା ସମ୍ପର୍କରେ କିଛି ଜାଣନ୍ତି ନାହିଁ । ସେହିପରି ୮୩ପ୍ରତିଶତ ବୀମା କମ୍ପାନୀ ସର୍ବନିମ୍ନ ଅର୍ଥ ମାନସିକ ବିକୃତଙ୍କ ଚିକିତ୍ସା ପାଇଁ ଅର୍ଥ ମଞ୍ଜୁର କରିଥିବା କୁହାଯାଇଛି । ଆହୁରି ମାନସିକ ଅସୁସ୍ଥ ଏକ ଦୀର୍ଘକାଳୀନ ଚିକିତ୍ସା ହୋଇଥିବାରୁ ଆଉଟଡୋର ପେସେଂଟଙ୍କ ପାଇଁ ବୀମା ସହାୟତା ପ୍ରଦାନର କୌଣସି ବ୍ୟବସ୍ଥା ନାହିଁ । କେବଳ ହସ୍‌ପିଟାଲରେ ଆଡମିସନ ହୋଇଥିବା ରୋଗୀଙ୍କ ପାଇଁ ବୀମା ଅର୍ଥ ପ୍ରଦାନ ବ୍ୟବସ୍ଥା ରହିଛି । ଯାହାଦ୍ୱାରା ଆଉଟଡୋର ପେସେଂଟ ବଂଚିତ ହେଉଛନ୍ତି । ମାନସିକ ବିକୃତଙ୍କ ପ୍ରତି ବିଦ୍ରୁପ ସବୁଠାରୁ ବଡ ସାମାଜିକ କଳଙ୍କ ଏବଂ ମୁଣ୍ଡ ବ୍ୟଥାର କାରଣ ଭାବେ ଉଭା ହୋଇଛି । ସେହିପରି ବାଛବିଚାରର ଶିକାର ହେବା ଆଶଙ୍କାରେ ବହୁ ପରିବାର ରୋଗୀଙ୍କ ସମ୍ପର୍କରେ ଗୋପନ ରଖିଥାନ୍ତି । ଜାତୀୟ ମେଂଟାଲ ହେଲଥ ସର୍ଭେ ୨୦୧୫-୧୬ ରିପୋର୍ଟରେ କୁହାଯାଇଛି ଯେ, ୭୦ରୁ ୯୦ପ୍ରତିଶତ ମାନସିକ ଅସୁସ୍ଥ କୌଣସି ଚିକିତ୍ସା ସେବା ଗ୍ରହଣ କରିନଥାନ୍ତି ଏବଂ ୬୦ରୁ ୭୦ପ୍ରତିଶତ ରୋଗୀ ନିଜ ପକେଟରୁ ଚିକିତ୍ସା ଖର୍ଚ୍ଚ ବ୍ୟୟ କରିଥାନ୍ତି । ଏପରିକି ସରକାରଙ୍କ ଆୟୁଷ୍ମାନ ଭାରତ ସେମାନଙ୍କୁ ବୀମାଭୁକ୍ତ କରିବାରେ ବିଫଳ ହୋଇଛି । ଭାରତରେ ଏବେ ୬୦ରୁ ୭୦ ମିଲିଅନ ମାନସିକ ବିକୃତର ଶିକାର ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ରିପୋର୍ଟରେ କୁହାଯାଇଛି । ଏହା ନିସନ୍ଦେହ ଯେ, ମାନସିକ ବିକୃତ ସର୍ବଦା ବିଦ୍ରୁପ, ଉପହାସ ଏବଂ ନିର୍ଯ୍ୟାତନାର ଶିକାର ହୋଇଥିବାବେଳେ ସେମାନଙ୍କୁ ସୁସ୍ଥ ସମାଜକୁ ଫେରାଇ ଆଣିବା ସରକାରଙ୍କ ଦାୟିତ୍ୱ ହେଉ । ସେମାନଙ୍କୁ ବୀମାଭୁକ୍ତ କରି ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇ ଦେବା ଜରୁରୀ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୭୯୭୮୬୬୬୪୦୩*

# ଛାମୁଡ଼ିଆ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଧର୍ମୀୟ ଅପରାଧ ଜାତି ଭାଇରେ ଅପରାଧ, ସାମାଜିକ ଅପରାଧ ଏସବୁରୁ ଦଣ୍ଡ ଓ ତାର ମୁକ୍ତି ପାଇଁ ଲୋକଚାରରେ ଅନେକ ବିଧାନ ପୂର୍ବେ ବଳବତ୍ତର ଥିଲା । ଏଥିରେ ସମ୍ପୃକ୍ତ ଅପରାଧି ପୁଣି ଧର୍ମ ପରମ୍ପରା ଜାତି ଭାଇ ପରମ୍ପରା ସାମାଜିକ ପରମ୍ପରାରେ ମିଶି ଯିବା ପାଇଁ ତାକୁ କିଛି ସମାଜ ରକ୍ଷକ ମୁରବୀ ଓ ଜାତି ଭାଇଙ୍କୁ ଏକାଠି କରି କ୍ଷମା ମାଗିବାକୁ ପଡ଼େ । କ୍ଷମା ଖାଲି ମାଗିବାକୁ ହୁଏ ନାହିଁ ପଂକ୍ତି ଭୋଜନରେ ଆପ୍ୟାୟିତ କରିବାକୁ ହୁଏ । ଏମିତି ବିବାହ, ସନ୍ତାନ ଜନ୍ମ ମୃତାନ୍ନରେ ବି ପଂକ୍ତି ଭୋଜନର ବ୍ୟବସ୍ଥା କରାଯାଏ । ଏ ପାଇଁ ଛାମୁଡ଼ିଆର ବ୍ୟବସ୍ଥା କରାଯାଏ । ରାଜା ରାଜୁଡ଼ାଙ୍କର ସବୁଠିକ ମାଷ୍ଟର ଇଜ ଅଲ୍ଲୁଏଜ କରେକ୍ଟ ଅତଏବ ଏହା ଅସିମିତ ପ୍ରଜା ଏମାନଙ୍କ ପାଇଁ ଛାମୁଡ଼ିଆ ବାନ୍ଧିବା ହୁଏ ନାହିଁ । ଏହାଙ୍କ ପାଇଁ ଅସ୍ଥାୟୀ ଭୋଜନ ମଣ୍ଡପ କପଡ଼ା କନାରେ ସଜା ଯାଇଥାଏ । କେହି କେହି ଚାନ୍ଦୁଆ ଚନ୍ଦ୍ରାତପ ଛାୟା କରିଥାନ୍ତି । ବର୍ଷା ଦିନେ କ୍ୟାନଭାସ ଟାଙ୍ଗି ଏ କାର୍ଯ୍ୟ କରାଯାଉଛି ତଥାପି ବିବାହ ବେଦୀରେ ଛାମୁଡ଼ିଆ ସଂସ୍କୃତି ବ୍ରାହ୍ମଣ ଓ କ୍ଷତ୍ରୀୟଙ୍କ ଜାତିରେ ଏବେ ବି ରହିଛି । କଲ୍ୟାଣ ମଣ୍ଡପରେ ବିବାହ ଅଭିନୟ ମଣ୍ଡପ ବିବାହ ପରି ବରକନ୍ୟା ଅଭିନୟ ପେଣ୍ଟିଂ ହୋଇ ଆସୁଛନ୍ତି ସମସ୍ତଙ୍କ ଘର ସାଜସଜା ବି କୃତ୍ରିମ ରାଜ ମହଲ ସାଜସଜାରେ ଏବେ ବିବାହ ବ୍ରତରେ ଝଲସୁଛି । ରାଜ ଉପଚାର ବାଜା ବାଜୁଛି ।

ବର୍ତ୍ତମାନ ଯୁଗ ସାଙ୍ଗରେ ତାଳ ଦେଇ ସମସ୍ତେ ଚାଲିଲେଣି ଦେଖା ଶିଖାରେ ଜନ ସମୁଦାୟ । ପରମ୍ପରା ଭଙ୍ଗ ହୋଇ ଆଧୁନିକ ମାନ୍ୟତାରେ ସମସ୍ତେ ବ୍ରତୀ । ରାଜପୁତ୍ର ରାଜକନ୍ୟା ବିବାହ ସବୁ ବିବାହରେ ଜଣାପଡୁଛି ପୂର୍ବର ଗରିବ ଏବେ ଗରିବ ନୁହନ୍ତି । ଚୁଡ଼ାକୁ ନେଇ ପରେ ବହୁ ପ୍ରକାର ଖାଦ୍ୟ ଯେ ହୋଇପାରେ ଏକଥା ଖାଦ୍ୟ ବିଶେଷଜ୍ଞମାନେ ବାହାର କଲେ । ପାକ ପ୍ରଣାଳୀ ଦେଖିଲେ ଏପରି ତଥ୍ୟ ମିଳିପାରିବ । ଚୁଡ଼ାଗୁଣ୍ଡରେ ଉତ୍ତମ ଖାଦ୍ୟ ପୁରୀ ଗଲାବେଳେ ବାଟରେ ଚନ୍ଦନପୁର ବଜାର ହୋଟେଲରେ ଏବେ ବି ମିଳୁଛି ଚୁଡ଼ାଗୁଣ୍ଡ ଶିଶୁ ମାନଙ୍କର ଏକ ଭୋଜ୍ୟ ଦ୍ରବ୍ୟ । ତାର ନାମ ଚୁଡ଼ା । ଏହାପଛରେ ବି କଥା ଅଛି । ବଙ୍ଗଳାରେ ଚୁଡ଼ା ଚିଡ଼ା ହିନ୍ଦୀ ଚିପିଟକ ଏହାର ଆକ୍ଷରିକ ଅର୍ଥ ଚାପି ପତଳା ନରମ କରାଯାଇଛି । ଧାନକୁ ଭିଜାଇ ଉଷେଇଁ ନରମ କରି ଢ଼ିଙ୍କିରେ ଭାଜନ କରି କୁଟିଲେ ଏପରି ଚୁଡ଼ା ଚେପା ହୋଇ ମିଳେ । ରାଜାଘର ଖାନା ଉପରେ ଏକ ଓଡ଼ିଆ ଗୀତ ଅଛି । ଏଥିରେ ଓଡ଼ିଶାର ସ୍ଥାନ ସହିତ ଏକ ଏକ ସ୍ଥାନର ବିଶେଷ ସମ୍ବନ୍ଧ ରହିଛି । ଏ ମଧ୍ୟରେ ଅଛି ଧାମନଗର ଚୁଡ଼ାର ସମ୍ବନ୍ଧ, ପ୍ରକୃତରେ ଏ ସ୍ଥାନର ଚୁଡ଼ା ଅନ୍ୟ ଠାରୁ କିଛି ଫରକର କାରଣ ଏ ଅଞ୍ଚଳରେ ଉତ୍ପାଦିତ ଜଳ ପ୍ଳାବିତ ବନ୍ୟାଞ୍ଚଳରେ ପଟୁ ମାଟିରେ ଉତ୍ପାଦିତ ଧାନ ଶଷ୍ୟ ଲବଣାକ୍ତ ସନ୍ତୁଳନର ଏ ମାଟ ଚୁଡ଼ା ପ୍ରସ୍ତୁତରେ ସହାୟକ । ରାଜାଘର ଖାନାରେ ଆହୁରୀ କେତେ ଅଞ୍ଚଳର ନାମ ଅଛି ବାରିପଦାର ଗରମ ମୁଢ଼ୀ, ଢ଼େଙ୍କାନାଳ ବରା ଏଥିରେ ବି ଭାଗୁଆଳୀ ରହିଛି ।

ଚୁଡ଼ା ଖାଦ୍ୟର ବିକଳ୍ପ ଏବେ କୋଇଲା ଗ୍ୟାସରେ ସମସ୍ତଙ୍କ ରୋଷେଇ ଏହାର ମହଙ୍ଗାକୁ ନିୟନ୍ତ୍ରଣ ପାଇଁ ଚୁଡ଼ାର ଜଳଖିଆ ଭୋଜନରେ କରାଯାଇପାରେ । ବହୁ ସ୍ଥାନରେ ଏ ସମୟରେ ରୁଟି ପ୍ରସ୍ତୁତ ହୋଇ ବିକ୍ରୟ ଉପଲବ୍ଧ । ପୂର୍ବେ ନାନବାଇଗେଲି ଏକ ସଂଜ୍ଞା ବା ଟାଇଟଲ ବା ଜାତି ଥିଲା । ଏମାନେ ଏପରି ରୁଟି ବା ନାନ ପ୍ରସ୍ତୁତ କରିବା ଜଣାପଡୁଥିଲା । ଏବେ ରାତ୍ରୀ ଭୋଜନର ଝାମେଲ ଅନେକ ଗୃହସ୍ଥଙ୍କୁ ରକ୍ଷା ପାଇଁ ଏମିତି ବୃତ୍ତି ସବୁ ଉପଲବ୍ଧ ହେବାରେ ଲାଗିଲାଣି । ତେବେ ଚୁଡ଼ାରେ ଏପରି ଦୋଷ କମ । ଭୋଜନରେ ତାମସିକ ଭାବ ଶୂନ୍ୟ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# କୁମ୍ଭମେଳା : ପୂଣ୍ୟ ଘାଟର କଥା



ତ୍ରିନାଥ ଓଝା

ପ୍ରୟାଗରାଜ କୁମ୍ଭମେଳାରେ ବିଶ୍ୱ ପ୍ରସିଦ୍ଧ କୁମ୍ଭମେଳା ଅନୁଷ୍ଠିତ ହେଉଥିବାବେଳେ ସମଗ୍ର ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ସାଧୁସନ୍ଥ, ମୁନୀଋଷି, ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଏପରିକି ଅନ୍ୟ ଧର୍ମାବଲମ୍ବୀମାନେ ଏହି ଶାହୀ ସ୍ନାନ ବା ଅମୃତ ସ୍ନାନ ପାଇଁ ଆଗମନ କରୁଛନ୍ତି । ଖବରକାଗଜରେ ପ୍ରକାଶିତ ହୋଇଥିବା ଖବର ମୁତାବକ ଚଳିତ ବର୍ଷ ପ୍ରୟାଗରାଜରେ ୫୦ଟି ଘାଟ ପ୍ରସ୍ତୁତ ହୋଇଛି । ତେବେ ଅନେକଙ୍କ ଭିତରେ ଆଗ୍ରହ ରହିବା ସ୍ୱାଭାବିକ ଯେ ଏହି ଘାଟ ଗୁଡ଼ିକ ସବୁ କେଉଁଠି ଏବଂ ଏହାର ପରିପାର୍ଶ୍ୱିକ ଘଟଣାବଳୀ କ'ଣ ସବୁ ରହିଛି ।

ପ୍ରୟାଗରାଜର ସମସ୍ତ ଘାଟ ମଧ୍ୟରେ ନିଜସ୍ୱ ଓ ସ୍ୱତନ୍ତ୍ର ସ୍ଥାନରେ ରହିଛି ଦଶାଶ୍ୱମେଧ ଘାଟ । ଏହା ସବୁଠାରୁ ବଡ଼ ଘାଟର ମର୍ଯ୍ୟାଦା ପାଇଛି ବୋଲି ସୋସିଆଲ ମିଡ଼ିଆ ସାଇଟ କୁମ୍ଭ.ଇନରେ ପ୍ରକାଶିତ ହୋଇଛି । ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏହି ଦଶାଶ୍ୱମେଧର ଅର୍ଥର କ'ଣ ? ଏହାର ଅର୍ଥ ହେଉଛି ଦଶ ଅଶ୍ୱମେଧ ଯଜ୍ଞପରି । ପୌରାଣିକ ବିଶ୍ୱାସ ଓ ବର୍ଷ ବର୍ଷର ଲୋକକଥା ଅନୁଯାୟୀ ଅନେକ ବର୍ଷ ତଳେ ଜଣେ ମହାନ ରାଜା ଏହିଠାରେ ଅଶ୍ୱମେଧ ଯଜ୍ଞ କରିଥିଲେ । ପରବର୍ତ୍ତୀ ସମୟରେ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନଙ୍କ ଭିତରେ ବିଶ୍ୱାସ ଭରିରହିଲା ଯେ ଏହି ଘାଟରେ ଦିବ୍ୟ ସ୍ନାନ କରିବା ଦ୍ୱାରା ଈଶ୍ୱରଙ୍କ କୃପା ମିଳିଥାଏ ଏବଂ ଜଣେ ଦିବ୍ୟଶକ୍ତିର ଅଧିକାରୀ ହୋଇଥାଏ ।

ପ୍ରୟାଗରାଜର ଅନ୍ୟତମ ଦୃଷ୍ଟି ଆକର୍ଷଣକାରୀ ଓ ମର୍ଯ୍ୟାଦାବନ୍ତ ଘାଟ ଭିତରେ ସରସ୍ୱତୀ ଘାଟର ସ୍ୱତନ୍ତ୍ରତା ରହିଛି । ଲୋକ ବିଶ୍ୱାସ ଓ ପୁରାଣର କଥାବସ୍ତୁକୁ ଦେଖିଲେ ଜଣାଯାଏ ଯେ ବର୍ତ୍ତମାନ ବିଲୁପ୍ତ ହୋଇସାରିଥିବା ପବିତ୍ର ସରସ୍ୱତୀ ନଦୀର ମୂଳ ଉତ୍ସ ଏହି ଠାରେ ହିଁ ଥିଲା । ପବିତ୍ର କୁମ୍ଭମେଳା ଅବସରରେ ଏହି ଘାଟରେ ସ୍ନାନ କରିବା ପାଇଁ ଅନେକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କ ଭିତରେ ଆଗ୍ରହ ଓ ଶ୍ରଦ୍ଧା ରହିଥାଏ । ଏହି ଘାଟର ବିଶେଷତ୍ୱ ହେଉଛି ଏଠାରେ ଅତି ବ୍ୟବସ୍ଥିତ ଓ ସୁନ୍ଦର ଭାବରେ ପାହାଚ ଗୁଡ଼ିକ ରହିଛି ଯେଉଁଠାରେ ଲୋକମାନେ ପୂଜା ନୈବେଦ୍ୟ ସମର୍ପଣ କରିବା ସହ ଏହା ତୀର୍ଥଯାତ୍ରୀ, ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ ଅର୍ଘ୍ୟ ଦାନ କରିବା ପାଇଁ ଆସୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ବଡ଼ ଆକର୍ଷଣର କେନ୍ଦ୍ର ପାଲଟିଥାଏ । ପ୍ରୟାଗରାଜର ଅନ୍ୟତମ ଐତିହ୍ୟସମ୍ପନ୍ନ ଘାଟ ହେଉଛି କିଲ୍ଲା ଘାଟ । ତେବେ ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପ୍ରୟାଗରାଜରେ କିଲ୍ଲା ଶବ୍ଦର ଉଦ୍ଭବ କେଉଁଠୁ ହେଲା ? ଐତିହାସିକ ଆକବର କିଲ୍ଲାର ସନ୍ନିକଟ ସ୍ଥଳରେ ଏହି ଘାଟଟି ଥିବାରୁ ଏହାର ନାମକରଣ କିଲ୍ଲା ଘାଟ ହୋଇଛି । ତେବେ ଏହି ଘାଟକୁ ଆସୁଥିବା ଲୋକମାନଙ୍କର ଆକର୍ଷଣର ପ୍ରମୁଖ କାରଣ ହେଉଛି ଏଠାରେ ଯୋଗ ପ୍ରାଣାୟମ ଓ ଧ୍ୟାନ କରି ଆଧ୍ୟାତ୍ମିକ ଶାନ୍ତି ପାଇବା ପାଇଁ ପର୍ଯ୍ୟାପ୍ତ ଓ ଆନନ୍ଦମୟ ସ୍ଥାନ ରହିଛି । ସନାତନ, ହିନ୍ଦୁ ସଂସ୍କୃତି ଓ ଈଶ୍ୱର ଚେତନା ପ୍ରତି ଗଭୀର ବିଶ୍ୱାସୀମାନେ ଏହି ଶାନ୍ତିପୂର୍ଣ୍ଣ ସ୍ଥାନରେ କିଛି ସମୟ ଅତିବାହିତ କରି ନିଜକୁ କର୍ମମୟ ସଂସାର ଜୀବନ ଠାରୁ ଦୂରେଇ ଶାନ୍ତି ପାଇବା ପାଇଁ ଚେଷ୍ଟିତ ହୋଇଥାନ୍ତି । ଏହି ଘାଟରେ ପ୍ରାୟତଃ ବର୍ଷ ତମାମ ନିୟମିତ ଗହଳି ଓ ଭିଡ଼ ପରିଲକ୍ଷିତ ହୋଇଥାଏ । ପ୍ରୟାଗରାଜର ମହାକୁମ୍ଭ ସମୟରେ ରସୁଲାବାଦ ଘାଟ ଅନେକଙ୍କ ପାଇଁ ଏକ ସ୍ମରଣୀୟ ଓ ପବିତ୍ରତମ ଘାଟ ଭାବେ ପରିଚିତ । ତେବେ ଏହି ଘାଟର ଗୁରୁତ୍ୱ ଅନ୍ୟ ସାଧାରଣ ଦିନ ଠାରୁ କୁମ୍ଭମେଳା ସମୟରେ ଅଧିକ ପ୍ରତୀୟମାନ ହୋଇଥାଏ । ବର୍ଷ ତମାମ ଏହି ଘାଟଟି ଶ୍ରାଦ୍ଧ, ସମର୍ପିତ ପିଣ୍ଡଦାନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଏକ ପ୍ରସିଦ୍ଧ ଓ ମନ ପସନ୍ଦର ଘାଟ । ଏଠାରେ ନିଜ ପୂର୍ବଜଙ୍କୁ ଭକ୍ତି ସମର୍ପଣ ପୂର୍ବକ ଅର୍ଘ୍ୟ ଓ ପିଣ୍ଡଦାନ କରି ଆତ୍ମ ବିଶ୍ୱାସର ସହିତ ଶ୍ରଦ୍ଧାଳୁମାନେ ଘରକୁ ଫେରିଥାନ୍ତି । ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଶାନ୍ତି ବିରାଜମାନ ହେଉଥାଏ କାରଣ ଏଠାରେ ଅଧିକ ଗହଳି ଚହଳି ସେପରି ଦେଖାଦେଇନଥାଏ । ଆସ୍ଥା ଓ ବିଶ୍ୱାସର ପବିତ୍ର ମହାକୁମ୍ଭରେ ଜ୍ଞାନଗଙ୍ଗା ଘାଟ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ସାଧାରଣତଃ ପ୍ରଶ୍ନଟି ଉଠେ ଯେ ଜ୍ଞାନଗଙ୍ଗା ଶବ୍ଦ ମାନେ କ'ଣ ? ଯେଉଁଠି ଜ୍ଞାନର ଗଙ୍ଗା ସ୍ରୋତସ୍ୱିନୀ ପରି ଚିରପ୍ରବାହିତ ସେଇ ଘାଟକୁ ହିଁ ଜ୍ଞାନଗଙ୍ଗା ଘାଟ କୁହାଯାଏ । ବର୍ଷ ବର୍ଷର ବିଶ୍ୱାସ ଉଜ୍ଜୀବିତ ରହିଛି ଯେ ଏହି ଘାଟକୁ ମୋକ୍ଷ ପ୍ରାପ୍ତିର ଦିବ୍ୟ ଘାଟ ଭାବେ ବିଶ୍ୱାସ କରାଯାଏ । ଦିନ ଥିଲା ଏହି ଘାଟରେ ଆମ ମହାନ ଆର୍ଯ୍ୟ ସନାତନ ସଂସ୍କୃତିର ନମସ୍ୟ ଉପାସକ ମୁନୀ, ଋଷି, ସିଦ୍ଧ ସାଧକମାନେ ବର୍ଷ ବର୍ଷ ଧରି କଠୋର ତପସ୍ୟା ସାଧନ କରି ଜ୍ଞାନପ୍ରାପ୍ତି ହୋଇଥିଲେ । ପ୍ରୟାଗରାଜରେ ଯେ କେହି ଆଗମନ କରୁଥିଲେ ଜ୍ଞାନଗଙ୍ଗା ଘାଟକୁ ନିଶ୍ଚିନ୍ତ ଭାବରେ ଥରେ ଆସି ଏଠାରେ କିଛି ସମୟ ଅତିବାହିତ କରିବା ପାଇଁ ସଂକଳ୍ପ ରଖିଥାନ୍ତି । ପ୍ରୟାଗରାଜର ଅନ୍ୟତମ ଚଳ ଚଞ୍ଚଳ ଓ ବ୍ୟସ୍ତପୂର୍ଣ୍ଣ ତଥା ସବୁବେଳେ ଲୋକବାକ ଭରି ରହିଥିବା ଘାଟଟି ହେଉଛି ନୌକାଯାନ ଘାଟ । ଏହି ଘାଟର ନାମଟି ନୌକାଯାନ ଶବ୍ଦରୁ ରହିଥିବାରୁ ଏହା ବାସ୍ତବିକ ନୌକା ବିହାର ଓ ବିଭିନ୍ନ ପ୍ରକାର ବୋଟିଂ ପାଇଁ ଶ୍ରଦ୍ଧାଳୁମାନଙ୍କୁ ଏଠାକୁ ଏକ ପ୍ରକାର ଭିଡ଼ି ଆଣିଥାଏ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଘାଟରୁ ପ୍ରାୟତଃ ତମାମ ତ୍ରିବେଣୀ ସଙ୍ଗମ ବା ପ୍ରୟାଗରାଜର ସମସ୍ତ ଦୃଶ୍ୟ ଅନେକ ଦୂରରୁ ଶ୍ରଦ୍ଧାଳୁ ମାନଙ୍କୁ ବିମୁଗ୍ଧ କରିଥାଏ । ଯାହାପାଇଁ ଏହି ଘାଟଟି ସବୁବେଳେ ଚଳଚଞ୍ଚଳ ରହିଥାଏ । ଆପଣ କୁମ୍ଭମେଳାକୁ ଆସୁଥିଲେ ନିଶ୍ଚିନ୍ତ ଭାବରେ ଏହି ଘାଟ ମାନଙ୍କର ଦର୍ଶନ କରି ସେଠାରେ କିଛି ସମୟ ଅତିବାହିତ କରି ଆଧ୍ୟାତ୍ମିକ ଶାନ୍ତି ପାଇପାରିବେ ।

*ଆବାହକ, ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର ଗଡ଼ା, କଟକ,*
*ଦୂରଭାଷ :୯୨୩୮୬୦୨୮୨୫*

# ସାହିତ୍ୟ ଦର୍ପଣ



## ଅନ୍ତାକ୍ଷରୀ


ସୁଦର୍ଶନ ମହାପାତ୍ର

ଫୁଲଗଛ ମାନଙ୍କର ବସିଥିବା କୁଣ୍ଡାଖିଆ ଚଢ଼େଇମାନଙ୍କର କିଚିରି ମିଚିରି ଶବ୍ଦ କୁନି ଛୁଆଙ୍କର ଦରୋଟି ପରି ମୋତେ ଉଲ୍ଲସିତ କରୁଥିଲା। କିଏ ତାଙ୍କ କଥାକୁ, ଭାବକୁ ଶୁଣୁଛି କି ନାହିଁ ସେମାନଙ୍କର ନିଘା ନଥିଲା।ସକାଳୁଆ ଧିମା ପବନରେ ଫୁଲଗଛର ଡ଼ାଳ ଗୁଡିକ ଦୋହଲୁଥିଲେ ଆଉ ଡୋଳି ଖେଳି ଖେଳି କୁଣ୍ଡାଖିଆ କେତୋଟି ସେମାନଙ୍କ ଭାଷାରେ ଅନ୍ତାକ୍ଷରୀ ଖେଳୁଥିଲେ।

ସକାଳର ଏଇ ସମୟଟା ନିରୁପଦ୍ରବ ଲାଗେ। ଶୈଶବର କୋମଳ ଅବଧି ପରି ଆଉ କିଛି ସମୟ ପରେ ସଚ଼ରାଚ଼ର ଭିଡ଼ ଲାଗିଯିବ। ତା'ପରେ କୁଆଡେ ଉଭେଇ ଯିବ ଏ ପବନ, ଏ ସୁନ୍ଦର ମୁହୂର୍ତ୍ତ ଏବଂ ଚ଼ଢେଇ ମାନେ ଉଡିଯିବେ ଦୂର କେଉଁ ନିରାପଦ ସ୍ଥାନକୁ।

ଏବେ ଏଇ ସମୟକୁ ଝିଅ ବାହାରେ ତା ସ୍କୁଲ ଯିବାକୁ। ଅଳ୍ପ କେତେ ଦିନ ହେବ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଇଂରାଜୀ ଶିକ୍ଷୟିତ୍ରୀ ହିସାବରେ ସେ ଯୋଗ ଦେଇଛି ।ସକାଳୁଆ ସ୍କୁଲ। ସ୍କୁଲ ଘରଠାରୁ ପ୍ରାୟ ପଚ଼ିଶ କିଲୋମିଟର ଦୂର। ତା' ପାଇଁ ଜଳଖିଆ ପ୍ରସ୍ତୁତ କରିସାରି ଟିଫିନ୍ କେରିୟର ରେ ଭରି ମୁଁ ଏଇମାତ୍ର ବାଲକୋନୀରେ ବସିଛି ଏବଂ କୁଣ୍ଡାଖିଆ ଚ଼ଢେଇମାନଙ୍କର ହର୍ଷ ?ଲ୍ଲାସ ଖେଳକୁଦ ଦେଖୁଛି।

ସବୁଦିନ ପରି 'ମାଆ ବାହାରିଲି' ନକହି ଝିଅ ଠିଆହେଲା ମୋ ସାମ୍ନାରେ। ମୁଁ ଚ଼ଢେଇମାନଙ୍କର ପ୍ରତି ଧ୍ୟାନ କେନ୍ଦ୍ରିଭୂତ କରିଥିଲି ତ ଝିଅ ବାହାରିବା ସମୟକୁ ତା' ପ୍ରତି ଧ୍ୟାନ ଦେଇ ନଥିଲି। ଦେଖିଲି ସେ ପିନ୍ଧିଥିଲା ଗତ ଜନ୍ମଦିନରେ ଆଣିଥିବା ଶାଢ଼ୀଟିକୁ।

-' ମୋ ଝିଅ ତ ପ୍ରଜାପତିଟିଏ ଭଳି ଦିଶୁଛି ଆଜି। କାହାର ନଜର ନ ଲାଗୁ। ଜାଣିଛୁ ତୁ ଠୁକୁ ଠୁକୁ ଚ଼ାଲି ଶିଖିବା ବେଳକୁ ତୋ ବାପା ଠିକ୍ ଏଇଭଳି ଗୋଟିଏ ଛିଟ ଫ୍ରକ୍ ତୋ ପାଇଁ ଆଣିଥିଲେ। ତୋର କି ଖୁସି ! ଦୁଇ ଦିନ ଧରି ସେଇଟାକୁ ପିନ୍ଧିଥିଲୁ ଜିଦ୍ କରି। ଏଇ ଶାଢ଼ୀକୁ ଦେଖି ସେଇଦିନ କଥା ଭାବି କିଣି ଆଣିଥିଲି।' ଏତିକି ମୋ ଠାରୁ ଶୁଣିଲା ପରେ ଝିଅ ଆଖି ଛଳଛଳ ଦିଶିଲା। ହେଲେ ଆଉ କିଛି ନକହି ମୁହଁରେ ହସ ଫୁଟାଇ ବାହାରିଗଲା।

ଦିଶା ସ୍କୁଲ୍ ବାହାରିଗଲା ପରେ ବି ମୁଁ ସେମିତି ବାଲକୋନୀରେ ବସିଥିଲି। ସୁବ୍ରତ ସେପର୍ଯ୍ୟନ୍ତ ଉଠିନଥିଲେ ।ମନେ ପଡ଼ିଲା ଦିଶା ଛୋଟ ବେଳର କଥା। କେତେ ବୟସ ହେବ ସେତେବେଳକୁ ? ଏଇ ଦଶ କି ଏଗାର ।ତା ଜନ୍ମଦିନ ପାଇଁ ତା ସାଙ୍ଗ ପିନ୍ଧିଥିବା ଭଳି ଗୋଟିଏ ଝାଲେରୀ ଝାଲେରୀ ଫ୍ରକ୍ ଆଣିବା ପାଇଁ ଅଡ଼ି ବସିଲା। ମୁଁ ତାକୁ ବୁଝେଇ ନୟାନ୍ତ ହେଲା ବେଳକୁ ସୁବ୍ରତ ରାଜି ହୋଇ ଯାଇଥିଲେ ଝିଅ କଥାରେ।

ପିଲାବେଳେ ଝିଅ ଆମର ଟିକେ ଜିଦିଆ ଆଉ ଅଭିମାନୀ ଥିଲା। କଥା କଥାକେ ଗୋଡ଼ କଚ଼ାଡି ତା ଦାବି ପୂରଣ କରିବାକୁ ଚ଼ାହିଁବ ।ଆଉ ଅଳିଅଳି ଝିଅର ସବୁ ଜିଦିକୁ ପୂରଣ କରିବେ ତା ବାପା। -' ଝିଅକୁ ଗେହ୍ଲା କରି ମୁହଁ ବଢ଼ା କରି ସାରିଲଣି' ବୋଲି ମୁଁ ବାରମ୍ବାର ଆକ୍ଷେପ କରେ ସୁବ୍ରତଙ୍କୁ।

-' ହେଉ ,କ'ଣ କରୁଛି କରୁ ।ଆଉ କେତେଦିନ ଆମ ପାଖରେ ରହିବ କି ?' ହସିକରି କହିବେ ସୁବ୍ରତ।

ସୁବ୍ରତ ଏମିତି ଖୁବ୍ ଶାନ୍ତ,ବୁଝିଲା ଶୁଝିଲା,ଅମାୟିକ। ମୁଁ ଆଉ ସେଦିନ କିଛି କହିପାରିଲିନି। ଝିଅ ପାଇଁ ସୁବ୍ରତ ଯାଇଁ କିଣି ଆଣିଲେ ତା ଚ଼ାହିଁବା ମୁତାବକ ଡ଼୍ରେସ ।ତା ଖୁସି କହିଲେ ନସରେ।

ମାର୍କେଟିଂ ଜବ୍ ରେ ଥିବା ସୁବ୍ରତଙ୍କର ଦୁର୍ଘଟଣା ପରେ ଦୀର୍ଘ ଛଅ ମାସର ବିଶ୍ରାମ ଏବଂ ସେଇ ସମୟ ମଧ୍ୟରେ କମ୍ପାନୀରୁ ଦରମା ଆସିବା ବନ୍ଦ। କୌଣସି ସହଯୋଗ ରାଶିର ପ୍ରାବନ୍ଧ ନାହିଁ। ସଞ୍ଚିତ ଟଙ୍କାରେ କିଛିଦିନ ହେବ ମାତ୍ର ସରିଥିଲା ଘର କାମ। ସେଥିକୁ ଥିଲା ପୁଣି କିଛି ବ୍ୟାଙ୍କ ଲୋନ।

ସୁବ୍ରତ ଠିକ୍ ଠାକ୍ ହେଲା ବେଳକୁ କମ୍ପାନୀ ତାଙ୍କ ଜାଗାରେ ଆଉ ଜଣଙ୍କୁ ନିଯୁକ୍ତି ଦେଇସାରିଥିଲା। ସୁବ୍ରତ ଅନ୍ୟ କେଉଁ କମ୍ପାନୀରେ ଯୋଗ ଦେବାକୁ ପ୍ରୟାସ ଜାରି ରଖିଥିଲେ।

ଝିଅ ଜନ୍ମଦିନର ପରଦିନ ସକାଳେ ସୁବ୍ରତ ଆଉ ମୁଁ ବସି କଥା ହେଉଥିଲୁ। ପୁଅ ଝିଅ ଦୁଇ ଜଣ ଯାକ ଉଠିନଥିଲେ। 'ଝିଅ ଡ଼୍ରେସ୍ ନିଶ୍ଚୟ ଦୁଇ ହଜାର ପାଖାପାଖି ହୋଇଥିବ ।ତା ସାଙ୍ଗକୁ ଚ଼କୋଲେଟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ।ସତକୁହ କେଉଁଠୁ ଆଣିଲ ଏତେ ପଇସା ?' ମୋର ଏଇ ପ୍ରଶ୍ନରେ ମୁରୁକି ହସିଲେ ସୁବ୍ରତ ଆଉ ନୀରବ ରହିଲେ। ପୁଣିଥରେ ମୁଁ ପ୍ରଶ୍ନ ଦୋହରାଇଲି ତ ସୁବ୍ରତ ସାବଲୀଳ ଭାବରେ ଉତ୍ତର ଦେଲେ।

-' କେତେ ବନ୍ଧୁ ଅଛନ୍ତି ମୋର ।ପଇସା ତ କେଉଁଠୁ ହେଲେ ବି ଯୋଗାଡ କରିହେବ। ଆମ ପିଲାଙ୍କ ଖୁସି ପାଇଁ ସେଇଟା କ'ଣ ବଡ଼ କଥା। ତୁମେ ଚ଼ିନ୍ତା କରନି। ସମୟ ସବୁ ଠିକ କରିଦେବ ।ଧାର ଉଧାର ସବୁ ଶୁଝି ଦେବି।'

ମୁଁ କିନ୍ତୁ ମୋ ହାତରେ ଥିବା ବାହୁଟି ଦୁଇ ପଟକୁ ଏବେ ବିକ୍ରି କରିଦେବା ପାଇଁ ଜିଦ୍ କରୁଥିଲି। ପରେ ସବୁ କିଛି ଠିକ୍ ଠାକ୍ ହୋଇଗଲେ ଆଉଥରେ ବାହୁଟି କିଣି ପାରିବା ବୋଲି ସୁବ୍ରତଙ୍କୁ ପରାମର୍ଶ ଦେଉଥିଲି।

ଏଇ ସମୟକୁ ଆମ ଦୁହିଁଙ୍କ ମଝିରେ ଆସି ବସିଲା ଦିଶା ଆଉ ଭେଁ ରଡ଼ି ଛାଡ଼ିଲା ନିହାତି ଛୋଟ ଛୁଆଙ୍କ ଭଳି।

ଆମେ ଦୁହେଁ ବ୍ୟସ୍ତ ହୋଇ ପଡିଲୁ। 'କ'ଣ ହେଲା ? କ'ଣ ହେଲା ?' ବୋଲି ଆମେ ପଚ଼ାରିବାରେ ବ୍ୟସ୍ତ । ହେଲେ ତା'ର କୋହ କମୁନଥାଏ...କାନ୍ଦ ସରୁନଥାଏ... !

-' ମୋ ପାଇଁ ବାପା ଏତେ ହଇରାଣ ହେଲେ। ଏତେ ଟଙ୍କା ଖର୍ଚ୍ଚ କଲେ। ଆଉ ଦିନେ ବି ଜିଦି କରିବିନି ମାଆ। ତୋ କଥା ଏବେ ମାନିବି। ସରି ବାପା..., ସରି ମା..!'

ଝିଅର ଭିଜା ଭିଜା କଣ୍ଠରେ ଆମ ଦୁହିଁଙ୍କ ଆଖିରେ ସେତେବେଳକୁ ଲୁହ ଭର୍ତ୍ତି ହୋଇ ସାରିଥିଲା।ଦିଶା ଆମ କଥା ସବୁ ଶୁଣି ଦେଇଛି ବୋଲି ଜାଣି ପାରିଲୁ।

ସତକୁ ସତ ସେଇଦିନ ଠୁ ଝିଅ ଆମର ହଠାତ୍ ଯେମିତି ବଡ଼ ହୋଇ ଯାଇଥିଲା। ଦାୟିତ୍ୱ ସମ୍ପନ୍ନ ହୋଇ ଯାଇଥିଲା।ଆଉ କେବେ କୌଣସି କଥାରେ ଜିଦି ଧରିବାର ଚ଼ପଳାମି ଆମେ ଦେଖି ନଥିଲୁ। ଏମିତିକି ସୁବ୍ରତ ପୁନର୍ବାର ରୋଜଗାରକ୍ଷମ ହେଲା ପରେ ବି...!!

ହେଲେ ତା'ର ଏ ସ୍ୱଭାବ ଆମର ଦାୟିତ୍ୱକୁ ଆହୁରି ବଢେଇ ଦେଲା। ତା'ର ଜିଦି ଧରିବାର ଆସ୍ପୃହା ଶେଷ ହେଲା ବେଳକୁ ବାପା ମାଆ ହିସାବରେ ତା'ର ଇଚ୍ଛା ପୂରଣ କରିବାର ଆସ୍ପୃହା ଆମ ଭିତରେ ଜାଗରିତ ହେଉଥିଲା। ସତେ ଦାୟିତ୍ୱବୋଧର ଅନ୍ତାକ୍ଷରୀ ଖେଳ...!

ଆଗରୁ ତା ଜିଦିପଣକୁ ଆମେ ଅପେକ୍ଷା କରୁଥିଲୁ। ଏବେ ତା'ର ସବୁ ନାଁ କୁ ହଁ କରିବାକୁ ଆମେ ଚେଷ୍ଟା କରୁଥିଲୁ। ତାକୁ ଖୁସି ଦେବାକୁ ଆମେ ତତ୍ପର ଥିଲୁ।

ଝିଅ ଧିରେ ବଡ଼ ହେଉଥିଲା ।ଆମେ କେବେ ମାର୍କେଟିଂରେ ବାହାରିଲେ ତା ମୁହଁରେ ଔଜ୍ୟଲତା ଫୁଟି ଉଠୁଥିଲା ବୋଲି ଆମେ ହୃଦୟଙ୍ଗମ କରୁ।

ଥରେ ମୁଁ ଦୁଇଟା ଡ଼୍ରେସ୍ ତା ପାଇଁ ବାଛି ସାରିବା ବେଳକୁ, ସୁବ୍ରତ ଆଉ ଖଣ୍ଡେ ଧରି ଆସି କହିଲେ ,-' ଝିଅକୁ ଏଇଟା ଖୁବ୍ ମାନିବ ନୁହେଁ ?'

ମୁଁ ହସିଦେଇ ସମ୍ମତି ଜଣାଇଲି ।କାରଣ ମୁଁ ପ୍ରସ୍ତୁତ ଥିଲି ଏସବୁ ପାଇଁ। ମୁଁ ଏମିତି ମିଛିମିଛିକା କହିଲି -' ତାହେଲେ ମୁଁ ଯାହାକୁ ବାଛିଛି ରଖିଦେଉଛି।'

-' ନା ନା, ତୁମେ ଯାହାକୁ ବାଛିଛ ସେସବୁ ବେଶୀ ସୁନ୍ଦର।'

ଦୁହେଁ ପରସ୍ପରକୁ ବୁଝି ସବୁଗୁଡିକ କିଣିଲା ବେଳକୁ ସୁବ୍ରତ ଉଖାରିଲେ ସେଇ ନିର୍ଦ୍ଦୟ ସତ୍ୟ; ' ଆମ ପାଖରେ ଆଉ କେତେ ଦିନ ରହିବ କି ଝିଅ ?' ମୋ ମା ମନ ଯେମିତି ମନ୍ଥି ହୋଇଗଲା ଏତିକି କଥାରେ..!!

ଘରକୁ ଆସି ପୁଣି ଝିଅକୁ ଶୁଣାଇବା ଭଳି କହିଲି -' ତୋ ବାପା ତ ଖାଲି ଡ଼୍ରେସ୍ କିଣି ଆଣୁଛନ୍ତି। ହେଲେ ଆଲମିରାରେ ଜାଗା କାହିଁ ? କେତେ ଥର କହିଲିଣି ତୋର ପୁରୁଣା ଡ଼୍ରେସ୍ କୁ ବାହାର କରିଦେବା ପାଇଁ। ହେଲେ ସେ କ'ଣ ପାଇଁ କେଜାଣି ଖାଲି ନା ନା କହୁଛନ୍ତି।'

-' ମୁଁ ତ ସେଥିପାଇଁ ମନା କରୁଛି ଆଉ ଡ଼୍ରେସ୍ ଆଣିବା ପାଇଁ। ତୁମେ ଦୁହେଁ କ'ଣ ଶୁଣୁଛ ମୋ କଥା। ମୁଁ କେତେ ଆଉ ପିନ୍ଧିବି !' ହସିକି କହିଲା ଦିଶା।

-' ମାଆ ଗୋଟିଏ କଥା କହିବି ।ସତ କହିବାକୁ ଗଲେ ମୁଁ ବି ଚ଼ାହୁଁଛି ମୋର ସବୁ ଜିନିଷ ସେମିତି ଥାଉ। ସେସବୁ ସ୍ମୃତି ହୋଇ ରହିବ ମୋ ପାଖରେ ସବୁଦିନ ପାଇଁ। ମୋ ବାପା ମାଆ ଙ୍କ କେତେ ତ୍ୟାଗରେ ମୁଁ ଏ ଖୁସି ସବୁ ପାଇଛି। ତୁମ ଦୁହିଁଙ୍କ ତ୍ୟାଗ ମୋ ପାଇଁ କୈବଲ୍ୟ ସଦୃଶ..! ଝିଅ ଆଖିରେ ଲୁହ ଟଳମଳ କରୁଥିଲା ବୋଲି ମୋର ନଜର ପଡିଲା।

ସେଇଦିନ ମୁଁ ଅନୁଭବ କଲି ସୁବ୍ରତ ଝିଅ ନାଁ 'ଆଦ୍ୟାଶା' ଦେବାର ସାର୍ଥକତା। ପୁରା ତା ବାପାଙ୍କ ପରି ଝିଅର ଆଚ଼ରଣ ବ୍ୟବହାର। ଅଳ୍ପକେ ଖୁବ୍ ଖୁସି...! କୌଣସି କଥାରେ ଅଧୈର୍ଯ୍ୟ ନାହିଁ..!ଦାମୀ ଡ଼୍ରେସ୍ ଦରକାର ନାହିଁ। ଅଳ୍ପ ଦାମ ଭିତରେ ଅଲଗା ଅଲଗା ରଙ୍ଗ ଆପଣେଇବାରେ ଖୁସି ।ଅନ୍ୟ ମାନଙ୍କ ମନରେ ଖୁସିର ରଙ୍ଗ ଭରିଦେବା ଯେମିତି ତା'ର ପ୍ରବୃତ୍ତି।

ଦିନେ ସକାଳୁ ଯଥା ସମୟରେ ଉଠିପଡ଼ି ଆଜି ସ୍କୁଲରୁ ଛୁଟି ନେଇଛି ବୋଲି ଘୋଷଣା କଲା ଦିଶା ଏବଂ ତା ପାଇଁ ଟିଫିନ୍ ରେଡି କରିବା ପରିବର୍ତ୍ତ ? ତା ମାଆ କୁ ଶୀଘ୍ର ଗାଧୁଆ କାମ ସାରିବାକୁ ଆଦେଶାତ୍ମକ ଶୈଳୀରେ କହିଲା।

-' ଝିଅ ମୋର ଟିଚ଼ର ।ତା' ଉପଦେଶକୁ ସୁନାପିଲା ଭଳି ମାନି ନିଅ।' ବିଛଣାରେ ଥାଇ ଝିଅ ସହିତ ଯୋଗଦେଲେ ସୁବ୍ରତ। ଚେଇଁ ଶୋଇଥିଲେ ବୋଧହୁଏ।

ବାଥରୁମରୁ ବାହାରିଲା ବେଳକୁ ଦେଖିଲି ଝିଅ ହାତରେ ନୂଆ ଶାଢ଼ୀ। ମୁଁ ଶାଢ଼ୀ ପିନ୍ଧିଲା ଭିତରେ ମନ୍ଦିର ଯିବାକୁ ସବୁ ଜିନିଷ ନିଜେ ସଜାଡି ରଖିଲା ସେ। ମନ୍ଦିର ଯାଇ ଫେରିଲୁ।

-' ମାଆ ଶାଢ଼ୀ ଟା ପସନ୍ଦ ହେଲା କି ନାହିଁ କହିଲୁ ନି ତ !'

-' ଶାଢ଼ୀ ବହୁତ ପସନ୍ଦ। ହେଲେ ଏତେ ଦାମ୍ ଦେଇ ଶାଢ଼ୀ ଟା କାହିଁକି ଆଣୁଥିଲୁ ? ମୁଁ କୁଆଡ଼ ? ବାହାରୁଛି ଯେ ଏତେ ଦାମୀ ଶାଢ଼ୀ ପିନ୍ଧିବି ? '

-' ଯୁଆଡେ ବାହାରିବାକୁ ଇଚ୍ଛା କରିବୁ ମୁଁ ନେଇଯିବି। ତୋ ପାଇଁ ଏବେ ମୋ ଇଚ୍ଛାରେ ମୁଁ ଶାଢ଼ୀ କିଣିବି। ମୁଁ ଜାଣେ ମୋ ମାଆ କୁ କେଉଁ କଲର ମ୍ୟାଚ଼ କରିବ। ଆଜି ତୋ ଜନ୍ମଦିନ ମୋ ଇଚ୍ଛାରେ ପାଳନ ହେବ...!' ଦିଶା ଆଉ ତା ବାପା ଦୁହେଁ ମୋତେ ଏକା ସ୍ୱରରେ ' ହାପି ବାର୍ଥଡେ ' ଜଣାଇଇଲେ ତ ମୁଁ ଭାବ ବିହ୍ୱଳ ହୋଇ ପଡିଲି।

ମୋ ଜନ୍ମଦିନ ପାଳନ କରିବାକୁ ଝିଅର ଅଳିକୁ କି ଭାଙ୍ଗିହୁଏ ?

ସତେ ଯେମିତି ଜୀବନର ଅନ୍ତାକ୍ଷରୀ ଖେଳ ଆରମ୍ଭ ହୋଇଛି। ମୋ କଥା ବୁଝିବାକୁ ମୋ ଝିଅ ଏବେ ଆଗଭର। ମୋ ମାଆ ଭୂମିକାରେ ସେ ଯେମିତି ଅବତୀର୍ଣ୍ଣ !

ହେଲେ ଅଚ଼ାନକ ସୁବ୍ରତ ଙ୍କ କଥା ମନେ ପଡ଼ିଲା।' ଝିଅ ଆମର ଆଉ କେତେ ଦିନ ଆମ ପାଖରେ ରହିବ କି ? ' ମୋ ଆଖିରେ ଘନୀଭୂତ ହୋଇ ଆସୁଥିଲା ଖୁସିର ଲୁହ...!!!

*କୁଞ୍ଜବିହାରୀ ଲେନ, କଟକ*
*୯୪୩୮୧୭୫୫୪୨*

## ମୃତ୍ୟୁ ଅପେକ୍ଷାରେ

*ରତ୍ନକାନ୍ତି ମିଶ୍ର*



ଯନ୍ତ୍ରଣା ଜର୍ଜରିତ
ସେ ଦେହଟାରେ ଥିଲା
ପୋଷେ ହେବ ରକ୍ତ
ଯେ ନିଶବ୍ଦରେ ଗାଉଥିଲା
ବିଦାୟୀ ସଙ୍ଗୀତ...
ମୁଁ ମ୍ରିୟମାଣ ଥିଲି
ତୋ ନିସ୍ତେଜ ଶରୀରକୁ ଦେଖି
ଅନୁଭବ କରୁଥିଲି
ସତେ ତୁ ବିକଳ୍ପ ଖୋଜୁଥିଲୁ
ଇହଧାମରୁ ନିଷ୍କାନ୍ତ ହେବାର
ନିରବେ ନିଃଶବ୍ଦ ? ପଚ଼ାରୁଥିଲୁ
ବିଶ୍ୱନିୟନ୍ତାଙ୍କୁ...
ମୋର ମୃତ୍ୟୁ ଆଉ କେବେ
ମୁଁ ଅସହାୟ ଥିଲି
ତେଣୁ ମୁଁ...
ତୋର ମୃତ୍ୟୁ ଚ଼ାହୁଁଥିଲି
ସେଇଥିପାଇଁ ତ
ତୋତେ ଲୁଚେଇ
ଯାଇଥିଲି ବଡ଼ଦେଉଳକୁ
ଦୁଃଖ ସବୁ ଏକାନ୍ତରେ
କହିବାକୁ
ଚ଼କାନୟନକୁ...
କଳ୍ପବଟକୁ ମୋ ଇଚ୍ଛା କହିଥିଲି
ଲୁହର ନୈବେଦ୍ୟ ବାଢି
ଦୀପଟିଏ ଜାଳି ଆସିଥିଲି
ଯେଣୁ ମୁଁ..
ତୋ ମୃତ୍ୟୁର
ଅପେକ୍ଷାରେ ଥିଲି...!!!

*ଆଳି, କେନ୍ଦ୍ରାପଡା*

## ମନେ ପଡେ ଘର ଡାଲମା

*ଜଗଦୀଶ ପଣ୍ଡା*



ଘରଠୁ ଦୂରେ ଦୂର ସହରେ
ଛୁଟିଦିନର ଦ୍ୱିପହରେ
ହଷ୍ଟେଲର ଖାଦ୍ୟ ଖାଉ ଖାଉ
ମନେ ପଡେ ଘର ଡାଲମା
ସକାଳୁ ସକାଳୁ ତଟକା ପରିବା
କୁଢା ହୁଏରେ ପାହାଡ଼ ପରିକା
ରୋଷେଇ ଘରର ରୂପ ବଦଳେ
ପନିପରିବାର ସମ୍ଭାର ଲାଗିଲେ
ଜଣାପଡେ ଆଜି ମା କ'ଣ ରାନ୍ଧିବେ
ଡାଲମା ହେବ ବୋଧେ ନିଶ୍ଚିତ ଭାବେ
କଦଳୀ ନଡ଼ିଆ ଛଟା କଖାରୁ
ବାଡି ବାଇଗଣ ସଙ୍ଗେ ସାରୁ
ସେଥିରେ ପଡେରେ ଦେଶୀଆଳୁ
ଅନ୍ୟାନ୍ୟ ପନିପରିବା ସକାଳୁ
ଡାଲିଟା ପକେଇ ହେଙ୍ଗୁ ଟିକେ ଦେଇ
ଛୁଙ୍କ ଦିଏରେ ଡାଙ୍କୁଣି ହଟେଇ
ଗୁଆ ଘିଅ ଛୁଙ୍କ ବାଜିଲେ ନାକରେ
ଡାଲମାର ମହକ ଖେଳେ ଘରେ
ଟିକେ ଶୁଙ୍ଘିଦେଲେ ପେଟ ପୁରେ
ତା ବାସ୍ନାରେ ମନରେ ଲୋଭ ଆସେ
ଲେମ୍ବୁ ଲଙ୍କା ଧରି ପ୍ରଥମରେ ବସେ
ଶାଗ ଟିକେ ଥିଲେ ସ୍ୱାଦ ବଢିଯାଏ
ଖାଇଦେଲେ ଆତ୍ମା ତୃପ୍ତି ହୋଇଯାଏ
ଦୂରେ ରହି ସେ ଖାଇବା ଝୁରୁଛି
ନିଜ ହାତ ରନ୍ଧାରେ କି ପେଟ ପୁରୁଛି
କି ଲେଖିବି ଆଉ ଡାଲମାର କଥା
ଭାବିଦେଲେ ଓଠରେ ପାଣି
ଆସିଗଲା।

*ଅଲାଡିଗାଁ, ଗଂଜାମ*

## ଝଡ ଚ଼ାଲିଯିବା ପରେ

*ଆଦ୍ୟାଶା ମହାପାତ୍ର*



ରାଜପଥ ଠୁ ଗାଁ ତୋଟା
ତାଳବଣିଆ ଠୁ ଅଭୟାରଣ୍ୟ
ଝାଉଁବଣ ଠୁ ନନ୍ଦନକାନନ
ସବୁଠି ଶୁଭୁଛି
ମୁଣ୍ଡ କଟା,ଦେହ ଝଡା
ଗଛ ମାନଙ୍କର କରୁଣ ଚ଼ିତ୍କାର
କେଉଁଠୁ ବା କୋହଉଠା ସ୍ୱର
ଚ଼ାରିଆଡେ ଛାଇଯାଇଛି
ଦିଶାହୀନ ଶୂନ୍ୟତା
ଅଖଣ୍ଡ ନୀରବତା
ଗଛ ମାନଙ୍କର ଲୁହରେ
ଆସିଯିବ କି ବନ୍ୟା
ଝଡ଼ ତ ଚ଼ାଲିଯାଇଛି
ତାଣ୍ଡବ ନୃତ୍ୟଟେ ରଚ଼ି
ସବୁରି ଛାତିରେ
ନିଃଶବ୍ଦ ଉଚ଼୍ଚାରଣରେ
ଭୋକର ହାତସବୁ ଲମ୍ବିଆସିଛି
ମାଗୁଣି ମୁଦ୍ରାରେ
ଘରର ଛପର ଉଡ଼ି ଯିବାପରେ
ଜମିରୁ ଫସଲ ଉଜୁଡି ଯିବାପରେ
ବାସଚ୍ୟୁତ ଜୀବଧାରୀମାନେ
ଆକାଶକୁ ଛତା କରି
ମୁଣ୍ଡେଇ ଧରିଛନ୍ତି ଦିବସ ରାତ୍ରରେ
ସର୍କାର ହୁଅନ୍ତୁ ବା ଈଶ୍ୱର
କେହି ହେଲେ ପହଞ୍ଚନ୍ତେ
ଏଇ ବିପର୍ଯ୍ୟୟ ବେଳେ
ପ୍ରାର୍ଥନାରତ ସଭିଏଁ
ଯୋଡହସ୍ତରେ...!!!

*ନୂଆପଡା, କଟକ*

## ଫେରିଆସ ବାପା

*ସୁଧାକର ରାଉତ*



ଫେରିଆସ ବାପା ଜୀବନରେ ଆଉ
କରିବି ନାହିଁ ମୁଁ ଜିଦି
କ୍ଷମାକରି ଦିଅ ଭୁଲ ପାଇଁ ମୋର
ନ ଶୁଅ ଆଖିକୁ ମୁଦି ।
ବାଳୁତ ପିଲା ମୁଁ ଯାଇଥିଲି ସୁଖ
ସାଉଁଟିବି ବୋଲି କେତେ
ଭାବିତ ନଥିଲି ଦୁଃଖର ବୋଝଟା
ଚ଼ାହିଁଚ଼ି ସେଠାରେ ମୋତେ ।
ଅସରା ସେ ଦୁଃଖ ବୋଝକୁ ଏବେଠୁ
ବୋହିବି ଜୀବନ ସାରା
ମୋ ଭଳି ପିତୃସିନିହ ରୁ ବଞ୍ଚିତ
କେତେ କେ ହୋଇଲେ ପରା ।
କେ ବୁଝିବ ମାଆ ହୃଦର ବେଦନା
ବହେ ଯିଏ ହୋଇ ଲୁହ
ବିଧବା ଯନ୍ତ୍ରଣା ସେହି ଜାଣେ ଏକା
ବୁଝଇ ତାକୁ ତା କୋହ ।
ଧରମ ନାମରେ ନର ମେଧ ଯଜ୍ଞ ?
ପଡ଼ିଗଲ ସିନା ବଳି
ଭାରତ ଇତିହାସ ପୃଷ୍ଠାରେ ପୁଣି
ବୋଳି ହେଲା ଏହି କାଳି ।
ତୁମ ରାଣ ଖାଇ କହୁଛି ବାପା ମୁଁ
ଥାଆନ୍ତା ଯଦି ମୋ ବଳ
ସେ ନରାଧମ ଙ୍କୁ ନିଶ୍ଚିହ୍ନ କରନ୍ତି
ଉପାଡ଼ି ତାଙ୍କର ମୂଳ ।
ସମବେଦନା ରୁ ମେଞ୍ଚାଏ ମେଞ୍ଚାଏ
କି ଲାଭ ଦେଇ ଏ ବେଳେ
ପ୍ରତିଶୋଧ ନିଅ ପ୍ରତି ଜୀବନର
ନ ଦେଖାଇ ଦୟା ତିଳେ ।
କେତେ ଶୀଘ୍ର ବାପା ଚ଼ାଲିଗଲ ଦୂରେ
ରହିଥାଅ ସେଠି ସୁଖେ
ହାତଧରି ବାଟ କଢ଼ାଇବ କିଏ
କେ ସାଥୀ ହୋଇବ ଦୁଃଖେ ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ନଦୀ


ପ୍ରତିଭା ଚୌଧୁରୀ

ଗୋଟିଏ ଜଙ୍ଗଲରେ ଏକ ବଡ ନଦୀଟିଏ ଥିଲା । ସେହି ନଦୀ ଜଙ୍ଗଲର ପୂର୍ବ ଦିଗରେ ଥିଲା। ସେ ନଦୀର ପାଣି ସଫା ଓ ମିଠା ଥିଲା। ଶୀତ ଋତୁରେ ନଦୀର ଜଳ ଗରମ ଓ ଗ୍ରୀଷ୍ମ ଋତୁରେ ଥଣ୍ଡା ରହିଥାଏ। ବର୍ଷା ଋତୁରେ ବର୍ଷା ଜଳ ନଦୀର ପାଣିରେ ମିଶି ରହିଥାଏ। ସେହି ଜଳକୁ ଜଙ୍ଗଲର ପଶୁ, ପକ୍ଷୀ, ଜୀବଜନ୍ତୁ ଗ୍ରୀଷ୍ମ, ଶୀତ, ବର୍ଷା ଋତୁରେ ପାଣି ପିଅନ୍ତି। ଗ୍ରୀଷ୍ମ ଋତୁରେ ଯେତେବେଳେ ଅଧିକ ଖରା ହୁଏ, ସେତେବେଳେ ଗାଁ, ସହର ଗୁଡ଼ିକରେ ଥିବା ବିଦ୍ୟାଳୟ ସବୁ କିଛି ମାସ ପର୍ଯ୍ୟନ୍ତ ବନ୍ଦ ହୋଇଥାଏ। ବିଦ୍ୟାଳୟ ଖରା ଯୋଗୁଁ ବନ୍ଦ ହେଲା ସମୟରେ କିଛି ଝିଅ ଓ ପୁଅମାନେ ନିଜ ନିଜ ପରିବାର ଲୋକଙ୍କ ସହିତ ସେହି ଜଙ୍ଗଲକୁ ବନ ଭୋଜି କରିବାକୁ ଆସିଲେ। ତାପରେ ସେ ଜଙ୍ଗଲର ପୂର୍ବ ଦିଗ ଆଡକୁ ଗଲେ। ସେହି ସଫା ଓ ସୁନ୍ଦର ନଦୀକୁ ଦେଖି ସେଠାରେ ବନଭୋଜି କରିବା ପାଇଁ ରହିଲେ। ସେହି ପୁଅ ଓ ଝିଅମାନେ କିଛି ସମୟ ଖେଳିଲେ ଏବଂ ତାଙ୍କ ଖେଳିବା ସମୟରେ ତାଙ୍କ ପରିବାର ଲୋକମାନେ ସମସ୍ତଙ୍କ ଖାଇବା ପାଇଁ ନିଜ ନିଜ ବ୍ୟାଗରୁ ବିସ୍କୁଟ, ଚ଼କ୍ ଲେଟ, କୁରକୁରେ ଆଦି ବାହାର କରିଲେ ।ସେହି ଖାଦ୍ୟ ପୁଅ ଓ ଝିଅମାନେ ଓ ତାଙ୍କ ପରିବାର ର ଲୋକମାନେ ଖାଇ ସେହି ପ୍ଲାଷ୍ଟିକ ଜରି ଗୁଡିକୁ ସେମାନେ ସମସ୍ତେ ସୁନ୍ଦର ସଫା ନଦୀରେ ଫୋପାଡି ଦେଲେ। ତା ପରେ ଜଙ୍ଗଲକୁ ବୁଲିବା ପରେ ସେଠାରୁ ଚ଼ାଲି ଗଲେ। ସେହି ସ୍ଥାନକୁ ଏମିତି ଆଉ କିଛି ଲୋକ ମଧ୍ୟ ବୁଲିବାକୁ ଆସନ୍ତି ଏବଂ ସେମିତି ସଫା ସୁନ୍ଦର ନଦୀରେ ପ୍ଲାଷ୍ଟିକ ଜରିଗୁଡିକୁ ଫିଙ୍ଗି ଦିଅନ୍ତି। ସେଥିପାଇଁ ସଫା ଓ ସୁନ୍ଦର ଥିବା ନଦୀର ଜଳ ପ୍ରଦୂଷିତ ହୋଇଗଲା। ସେ ନଦୀର ଜଳ ପ୍ରଦୂଷଣ ହୋଇଥିବାରୁ କେହି ସେଠାକୁ ବୁଲିବା ପାଇଁ ଆସୁ ନ ଥିଲେ ।କିଛି ଦିନ ପରେ ସୋନିଆ , ପ୍ରତିଭା ଓ ତା ସାଙ୍ଗମାନେ ସେହି ନଦୀ ପାଖରୁ ଆସି ଦେଖିଲେ, ନଦୀର ଜଳ କେତେ ଆବର୍ଜନା ଥିଲା। ସେଥିପାଇଁ ନଦୀର ଜଳ ପ୍ରଦୂଷିତ ଥିଲା। ଏହା ଦେଖି ସେହି ଦୁଇ ଝିଅ ଆଉ ତା ସାଙ୍ଗମାନେ ସେହି ନଦୀରେ ପଡ଼ିଥିବା ଅଳିଆ ଆବର୍ଜନାଗୁଡିକୁ ସଫା କରିବାକୁ ଲାଗିଲେ। ନଦୀ ଆଖପାଖ ଓ ଜଙ୍ଗଲର ଆବର୍ଜନା ସବୁକୁ ସଫା କରିଲେ। ଜଙ୍ଗଲ ଓ ନଦୀଗୁଡିକ ପୁଣିଥରେ ସୁନ୍ଦର ହୋଇଗଲା। ସେହିଦିନଠୁ ପୁଅ ଝିଅ ମାନେ ସେହି ଜଙ୍ଗଲରେ ଡଷ୍ଟବିନଗୁଡିକ ରଖିଲେ। ଯିଏ ବନଭୋଜି, ବୁଲିବା ପାଇଁ ଆସିଲେ ସେ ଡଷ୍ଟବିନରେ ହିଁ ଫିଙ୍ଗନ୍ତି। ସେହିଦିନ ଠାରୁ ସେ ଜଙ୍ଗଲରେ କେହି ବି ଆଳିଅ ଆବର୍ଜନା ଫିଙ୍ଗନ୍ତି ନାହିଁ। କେବଳ ସେହି ଡଷ୍ଟବିନ ବ୍ୟବହାର କରନ୍ତି।

ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର, ଲିମସେର
ଗୋଲାମୁଣ୍ଡା, କଳାହାଣ୍ଡି

## ବରଦାନ


ପୂର୍ଣ୍ଣଚ଼ନ୍ଦ୍ର ବହଳୀ

*ଜୀବନର ସୀମା ନିର୍ଦ୍ଧାରଣ କାହାରି ପକ୍ଷେ ସମ୍ଭବ ନୁହେଁ ମୃତ୍ୟୁ ପର୍ଯ୍ୟନ୍ତ ହିଁ ତାହାର ସୀମା ଜୀବନରେ ମୃତ୍ୟୁ ହିଁ ନିଶ୍ଚିତ ଆଉ ସବୁ ଅନିଶ୍ଚିତ ସବୁ ଅନିଶ୍ଚିତ ଜାଣି ମଧ୍ୟ ବହୁ କଥାରେ ମନୁଷ୍ୟ ନିଜକୁ କଷ୍ଟ ଦେଇଥାଏ ବେଳେ ବେଳେ ଅନ୍ୟର ଖୁସି ରେ ନିଜ ଖୁସିକୁ ତଉଲି ଉଦାସ ହେବା ମଧ୍ୟ ପ୍ରାୟତଃ ପରିଲକ୍ଷିତ ହୋଇଯାଏ ବିଶେଷ କରି ଏକତ୍ରିତ ହୋଇ ବସିବା ବେଳେ ନିଜ କଥା ଅପେକ୍ଷା ଅନ୍ୟ ମାନଙ୍କ ଭଲ ମନ୍ଦ ଗୁଣ ଭିତରେ ଖରାପ ଗୁଣ ଆଲୋଚ଼ନାର ସ୍ଥାନ ଅଧିକ ଥାଏ କ୍ଷଏପରି ବି ହୁଏ ସେହି ଏକତ୍ରିତ ସ୍ଥାନରୁ କେହି ଗଲାପରେ ପଳାଇ ଯାଇଥିବା ବ୍ୟକ୍ତିର ବିରୁଦ୍ଧରେ ମଧ୍ୟ ଆଲୋଚ଼ନା ହୁଏ କ୍ଷ ଅନ୍ୟର ଖରାପ ଚ଼ିନ୍ତାରେ ବ୍ୟକ୍ତିଟିଏ କିଭଳି ନିଜେ ପାଉଥିବା ଖୁସିକୁ ହରାଇଲା ତାହାର ଏକ ଛୋଟ ଉପାଖ୍ୟାନ ଉଲ୍ଲେଖଯୋଗ୍ୟ........*

ଜଣେ ବ୍ୟକ୍ତିର ମୃତ୍ୟୁ ହେବାର ସମୟ ଆସିଗଲା । ଯମରାଜ ଆସି ଦୁଆର ପାଖରେ ବ୍ୟକ୍ତିର ଦୁଆରେ କବାଟ ଖଡ଼ ଖଡ଼ କଲେ । ବ୍ୟକ୍ତି ଜଣକ ଆସି କବାଟ ଖୋଲିଲେ ଓ ପଚ଼ାରିଲେ ଆପଣ କିଏ । ମୁଁ ଯମରାଜ ।ତୁମର ମୃତ୍ୟୁ ସମୟ ହୋଇଗଲା, ମୋ ସାଥିରେ ଚ଼ାଲ । ବ୍ୟକ୍ତିଜଣକ ଭୟଭୀତ ହୋଇ ଉଠିଲେ । ଯମରାଜଙ୍କବହୁଦୂରରୁ ଆସିଥିବାରୁ ଶୋଷ ଲାଗୁଥିଲା । ସେ କହିଲେ ମୋତେ ପାଣି ଟିକେ ପିଇବା ପାଇଁ ଦେଇପାରିବ । ବ୍ୟକ୍ତିଜଣଙ୍କ ପାଣି ଆଣି ଦେଲେ । ଯମରାଜ ପାଣି ପିଇ ସାରି କହିଲେ ତୁମେ ଭଲ ଲୋକ ଜଣାପଡୁଛ । ମୃତ୍ୟୁ ଜାଣି ମଧ୍ୟ ମୋତେ ପାଣି ଆଣି ଦେଲ । ଏଥିପାଇଁ ମୁଁ ବହୁତ ଖୁସି । ଏହା କହି ଯମରାଜ ନିଜ ଡାଏରୀ ବାହାର କରି ବ୍ୟକ୍ତିଟିକୁ ଦେଲେ ଏବଂ କହିଲେ ତୁମେ ଏଥିରେ ଯାହା ଇଚ୍ଛା କରିବ ଲେଖିଦେବ, ମୁଁ ତାହା ତୁମକୁ ପ୍ରଦାନ କରିବି । କିନ୍ତୁ ଏଥିପାଇଁ ୫ ମିନିଟ ସମୟ ଦିଆଗଲା।

ବ୍ୟକ୍ତି ଜଣଙ୍କ ଭାରି ଖୁସି ହୋଇ ଡାଏରୀ ନେଇ ପ୍ରଥମ ପୃଷ୍ଠା ଖୋଲିଲେ । ସେଥିରେ ଉପରେ ପାଖ ପଡୋଶୀ ତିନି କୋଟି ଟଙ୍କା ଲଟେରୀ ପାଇବେ ବୋଲି ଲେଖା ହୋଇଥିବା ଦେଖିଲେ । ବ୍ୟକ୍ତିଜଣକର ଈର୍ଷା ଆସିଲା କ୍ଷ କିଛି ସମୟ ଭାବିଲେ ଓ ନିଜ ପଡୋଶୀ ଏହି ଟଙ୍କା ପାଇବାକୁ ଯୋଗ୍ୟ ନୁହନ୍ତି ବୋଲି ଲେଖିଲେ ।

ଏହାପରେ ସେ ଦ୍ୱିତୀୟ ପୃଷ୍ଠା ଖୋଲିଲେ : ସେ ପୃଷ୍ଠାରେ ଲେଖା ଥିଲା ଯେଉଁ ପଡୋଶୀ ସାମ୍ନାରେ ରହୁଛନ୍ତି ସେ ମନ୍ତ୍ରୀ ହେବାକୁ ଯାଉଛନ୍ତି । ବ୍ୟକ୍ତି ଜଣକ ଲେଖିଲେ ସେ ମୂଳିଆ ହେବା ପାଇଁ ବି ଯୋଗ୍ୟ ନୁହେଁ ମନ୍ତ୍ରୀ କିପରି ହେବେ । ସେ ମନ୍ତ୍ରୀ ପଦ ପାଇବାକୁ ଅଯୋଗ୍ୟ ।

ଏହାପରେ ତୃତୀୟ ପୃଷ୍ଠା ଖୋଲିଲେ । ସେଠାରେ ପଛରେ ରହୁଥିବା ପଡୋଶୀର ପୁଅ ମାଟ୍ରିକ ପରୀକ୍ଷାରେ ସବୁଠାରୁ ଅଧିକ ନମ୍ବର ରଖିବା ଲେଖା ହୋଇଥିଲା । ବ୍ୟକ୍ତି ଜଣକ ସେଠାରେ ଲେଖିଲେ ସେ ପିଲା ପାଠ ତ ପଢେ ନାହିଁ, ଅଧିକ ନମ୍ବର କିପରି ପାଇବ । ନିଶ୍ଚ ? ଉପରସ୍ତରରେ ଧରାଧରି କରଛି । ଏହାର ଯାଞ୍ଚ ହେବା ଦରକାର । ଏହାପରେ ପରପୃଷ୍ଠା ଓଲଟାଇ ଦେଖିଲେ ଲେଖାଅଛି ସେ ଯେଉଁଠି ଚ଼ାକିର କରୁଛନ୍ତି ସେଠାକାର ମେନେଜର ର ଉଚ୍ଚ ପଦବୀଙ୍କୁ ପଦୋନ୍ନତି ହେବ ।ଏହା ଦେଖି ସେ ଲେଖିଲେ ଯେ ମେନେଜର ଜଣେ କ୍ରୁର ଲୋକ । ସମସ୍ତଙ୍କୁ ହଇରାଣ କରନ୍ତି,ସେ ପଦୋନ୍ନତି ପାଇବାକୁ ହକଦାର ନୁହେଁ ।

ପର ପୃଷ୍ଠା ଦେଖିଲେ ଖାଲି ଅଛି । ସେଠି ଲେଖିବାକୁ ଗଲାବେଳେ ଯମରାଜ କଲମ ନେଇଆସିଲେ ଏବଂ କହିଲେ ତୁମର ୫ ମିନିଟ ସମୟ ଶେଷ ହୋଇଯାଇଛି । ଏବେ ମୋ ସହିତ ତୁମକୁ ଯିବାକୁ ହେବ କ୍ଷବ୍ୟକ୍ତିଜଣକ କଣ କରିବେ ବୁଝି ପାରିଲେ ନାହିଁ । କାକୁତି ମିନତୀ ହୋଇ ଯମରାଜଙ୍କୁ ଆଉ ଟିକେ ସମୟ ଦେବାକୁ କହିଲେ ମଧ୍ୟ ଯମରାଜ ଶୁଣିଲେ ନାହିଁ ।

ଯମରାଜ କହିଲେ ତୁମେ ଅନ୍ୟର ଖରାପ ଚ଼ିନ୍ତା କରି ସେ ପୃଷ୍ଠା ଗୁଡିକ ଲେଖିବାରେ ସମୟ ନଷ୍ଟ କରି ନିଜର ଖୁସିକୁ ପାସୋରିଦେଲ ଏବଂ ଏକ ସୁନ୍ଦର ମୁହୂର୍ତ୍ତ ହରାଇଦେଲ । ଏବେ ମୁଁ ନିରୁପାୟ ।

ବହୁ ସମୟରେ ଅନ୍ୟ ବିଷୟରେ ଭାବିବା ବା ଆଲୋଚ଼ନା କରିବାରେ ସମୟକୁ ନଷ୍ଟ ନ କରି ନିଜର ଖୁସି ପାଇଁ ଉପଯୋଗ କରିବା ନିଶ୍ଚୟ ଶ୍ରେୟସ୍କର।

*ସମ୍ପାଦକ, ଶିବାନୀ*
*କେନ୍ଦ୍ରାପଡ଼ା*

# ମୋ ଓଡ଼ିଶା

## ବୀରମିତ୍ରପୁରରେ କଂଗ୍ରେସ କର୍ମୀ ସମ୍ମିଳନୀ

ରାଉରକେଲା (ପିଏନ୍) : ଦୀର୍ଘ ୨୨ ବର୍ଷ ଧରି ରାଜ୍ୟରେ ଶାସନ କରୁଥିବା ବିଜେଡି ସରକାର ଓ ଗତ ୮ ବର୍ଷ ଧରି କ୍ଷମତାସୀନ ଥିବା କେନ୍ଦ୍ରର ବିଜେପି ସରକାର ଏବଂ ଉଭୟ ଦଳର ସ୍ଥାନୀୟ ନେତୃତ୍ୱ ବୀରମିତ୍ରପୁର ସହରାଞ୍ଚଳ ପ୍ରତି ସାଙ୍ଘାତିକ ଅବହେଳା କରିଛନ୍ତି ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ଗତ ୨୦୧୩ରୁ ୨୦୧୮ ପର୍ଯ୍ୟ' ବୀରମିତ୍ରପୁର ପୌରପାଳିକାରେ ବିଜେଡି ଶାସନ କରୁଥିବା ବେଳେ କ୍ଷମତାସୀନ କେନ୍ଦ୍ର ବିଜେପି ସରକାରର ସାଂସଦ ଜୁଏଲ ଓରାମ ଓ ବିଧାୟକ ଶଙ୍କର ଓରାମ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି । ତେବେ ଏହି ଉଭୟ ଦଳ ଓ ନେତାମାନେ ବୀରମିତ୍ରପୁର ଅଞ୍ଚଳ ପାଇଁ କୌଣସି ଆଖି ଦୃଶିଆ କାର୍ଯ୍ୟ ନ କରି କେବଳ ଲୋକଙ୍କୁ ଠକିଥିବାରୁ ଆସ'। ୨୪ ତାରିଖର ପୌର ନିର୍ବାଚନରେ ବୀରମିତ୍ରପୁର ବାସୀ ସେମାନଙ୍କୁ ଠିକଣା ଜବାବ୍ ଦେବାକୁ ଗତକାଲି ବୀରମିତ୍ରପୁର ଠାରେ ଅନୁଷ୍ଠିତ କଂଗ୍ରେସ କର୍ମୀ ସମ୍ମିଳନୀରେ ଦଳ ତରଫରୁ ଆହ୍ୱାନ ଦିଆଯାଇଛି ।

ବୀରମିତ୍ରପୁରର ପୂର୍ବତନ ବିଧାୟକ ତଥା ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ସ୍ଥାନୀୟ ବିଆର୍ଆଇ କ୍ଲବ୍ ମଇଦାନରେ ଅନୁଷ୍ଠିତ ବିଶାଳ କର୍ମୀ ସମ୍ମିଳନୀରେ ଝାଡଖଣ୍ଡ ରାଜ୍ୟର କୋରାବିରା ବିଧାନସଭା କ୍ଷେତ୍ରର କଂଗ୍ରେସ ବିଧାୟକ ମମନ ବିସ୍କାଲ କଙ୍ଗାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୀରମିତ୍ରପୁର ସମେତ ସୁନ୍ଦରଗଡ ଜିଲ୍ଲାର ଆଦିବାସୀ, ଦଳିତ, ସଂଖ୍ୟାଲଘୁ, ପଛୁଆ ବର୍ଗ ତଥା ସାଧାରଣ ଖଟିଖିଆ ମେହନତି ମଣିଷର ସ୍ୱାର୍ଥ ପାଇଁ ନିର'ର ସଂଗ୍ରାମ କରୁଥିବା ଶ୍ରୀ ଜର୍ଜ ତିର୍କୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଚଳିତ ପୌର ନିର୍ବାଚନରେ କଂଗ୍ରେସର ଚେୟାରମ୍ୟାନ ପ୍ରାର୍ଥୀ ଶଶୀ ସାଗରଙ୍କୁ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ସହିତ ସମସ୍ତ ୧୧ଟି ୱାର୍ଡରେ କଂଗ୍ରେସର ପ୍ରାର୍ଥୀ ଓପ୍ରାର୍ଥିନୀମାନଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ । ବୀରମିତ୍ରପୁର ଅଞ୍ଚଳବାସୀଙ୍କ ସହିତ କୋଲାବିରା ଅଞ୍ଚଳ ବାସୀଙ୍କ ଭାବଗତ ସମ୍ପର୍କ ଉପରେ ଆଲୋକପାତ କରି ବୀରମିତ୍ରପୁର ପୌର ନିର୍ବାଚନରେ କଂଗ୍ରେସ ବିଜୟୀ ହେଲେ ଉଭୟ ଅଞ୍ଚଳବାସୀଙ୍କ ମଧ୍ୟରେ ବ୍ୟବସାୟ, ବାଣିଜ୍ୟ ଠାରୁ ଆରମ୍ଭ କରି କର୍ମନିଯୁକ୍ତି ଇତ୍ୟାଦି କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶ୍ରୀ ତିର୍କୀ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରି ତାଙ୍କ ବିଧାୟକତ୍ୱ କାଳରେ ଯେତେବେଳେ କି ଶଶୀ ସାଗର ପୌରପାଳିକାର ଅଧ୍ୟକ୍ଷ ଥିଲେ ସେ ସମୟରେ ହୋଇଥିବା ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ଉପରେ ବିଶଦ୍ ସୂଚନା ଦେଇଥିଲେ ।

ତେଣୁ ସମ୍ପ୍ରତି ଶଶୀ ସାଗରଙ୍କ ସମେତ ସମସ୍ତ କଂଗ୍ରେସ କାଉନସିଲର ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍‌ରେ ବିଜୟୀ କରି ବୀରମିତ୍ରପୁରକୁ ଏକ ନୂଆ ରୂପ ଦେବା ପାଇଁ ଶ୍ରୀ ତିର୍କୀ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ ଜଣାଇଥିଲେ । ରାଉରକେଲା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି ତାଙ୍କ ବକ୍ତବ୍ୟରେ ହିନ୍ଦୁ, ମୁସଲିମ, ଶିଖ, ଇସାଇ ସବୁ ସମ୍ପ୍ରଦାୟର ଲୋକଙ୍କୁ ସାଙ୍ଗରେ ନେଇ ସମସ୍ତଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିର'ର କାର୍ଯ୍ୟ କରୁଥିବା ବୀରମିତ୍ରପୁରର ପ୍ରାକ୍ତନ ବିଧାୟକ ଶ୍ରୀ ତିର୍କୀଙ୍କୁ ମଜବୁତ କରିବାର ଦାୟିତ୍ୱ ବୀରମିତ୍ରପୁର ବାସୀଙ୍କର ବୋଲି ଉଲ୍ଲେଖ କରି ଶଶୀ ସାଗରଙ୍କ ବିଜୟ ହେଲେ ତାହା ସମ୍ଭବ ହୋଇପାରିବ ବୋଲି କହିଥିଲେ ।

ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ସମେତ ସମଗ୍ର ସୁନ୍ଦରଗଡ ଜିଲ୍ଲାରେ ଆଦିବାସୀ, ଦଳିତଙ୍କ ଉପରେ ଅତ୍ୟାଚାର ହେଲେ ଯଦି କେହି ନେତା ସମ୍ମୁଖକୁ ଆସି ତାର ପ୍ରତିବାଦ କରେ ତେବେ ସେ ଜର୍ଜ ତିର୍କୀଙ୍କ ବ୍ୟତୀତ ଅନ୍ୟକେହି ନୁହଁନ୍ତି ବୋଲି ଶ୍ରୀ ସେନାପତି ଉଲ୍ଲେଖ କରି ଏଭଳି ନେତାଙ୍କୁ ସଶକ୍ତ କରିବା ସମସ୍ତ କର୍ମୀମାନଙ୍କ ଦାୟିତ୍ୱ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୀରମିତ୍ରପୁରର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିକ୍ରମ ପଟ୍ଟନାୟକ, ବରିଷ୍ଠ ନେତା ଜଗଦୀଶ ପ୍ରସାଦ ଅଗ୍ରୱାଲ, ଜେଏମ୍ଏମ୍ ନେତା ଗୁଲାମ ଅହମ୍ମଦ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ନବୀନ ସରକାରର ଜନବିରୋଧି ନୀତି, ଦରଦାମ ବୃଦ୍ଧି, ବେକାରୀ ଓ ବେରୋଜଗାରୀ, ମହିଳାଙ୍କ ପ୍ରତି ଅତ୍ୟାଚାର, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ଇତ୍ୟାଦି ସମ୍ପର୍କରେ ଆଲୋକପାତ କରି ଉଭୟ ବିଜେଡି-ବିଜେପିକୁ ବୀରମିତ୍ରପୁର ମାଟିରୁ ସଭା କରିବାକୁ ଆହ୍ୱାନ ଜଣାଇଥିଲେ ।

ଏହି କର୍ମୀ ସମ୍ମିଳନୀରେ ବୀରମିତ୍ରପୁରର ୧୧ଟି ୱାର୍ଡରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁ ଅଂଶଗ୍ରହଣ କରିଥିବା ବେଳେ ବରିଷ୍ଠ ନେତା ସାହିଦ ଆଲମ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ସଚେତନତା ଓ ଉପଭୋକ୍ତା

ପ୍ରତିବର୍ଷ ମାର୍ଚ୍ଚ ୧୫ରେ ପାଳିତ ହୁଏ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ। ୧୫ ମାର୍ଚ୍ଚ ୧୯୬୨ରେ ଏକ ଭାଷଣରେ ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡ଼ି କହିଥିଲେ ଏହାର ସଂଜ୍ଞା ଅନୁଯାୟୀ ଉପଭୋକ୍ତାର ଅର୍ଥ ଆମେ ସମସ୍ତେ। ଉପଭୋକ୍ତା ହେଉଛି ସବୁଠାରୁ ବଡ଼ ବିତ୍ତୀୟ ଗୋଷ୍ଠୀ। ପ୍ରାୟ ସମସ୍ତ ଘରୋଇ ତଥା ସରକାରୀ ବିତ୍ତୀୟ ନିଷ୍ପତ୍ତି ଦ୍ୱାରା ଉପଭୋକ୍ତାମାନେ ହିଁ ସର୍ବାଧିକ ପ୍ରଭାବିତ ହୁଅନ୍ତି। ଏହା ସତ୍ତ୍ୱେ ଏହା ଏଭଳି ଏକ ଗୋଷ୍ଠୀ, ଯାହାର ସ୍ୱର କାହାର କାନରେ ପଡ଼େନାହିଁ। ପରବର୍ତ୍ତୀ କାଳରେ କେନେଡ଼ିଙ୍କ ଏହି ଭାଷଣ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇ, ଉପଭୋକ୍ତା ଅଧିକାର ସକ୍ରିୟବାଦୀ ଅନୱାର ଫଜଲ, ଏ ବାବଦରେ ଜନସଚେତନତା ସୃଷ୍ଟି ପାଇଁ ୧୫ ମାର୍ଚ୍ଚ ୧୯୮୩ରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ ଆରମ୍ଭ କରିଥିଲେ। ସଂପ୍ରତି କଂଜ୍ୟୁମର ଇଣ୍ଟରନେସନାଲ୍ ଆନୁକୂଲ୍ୟରେ ସାରା ବିଶ୍ୱରେ ଏହି ଦିବସ ପାଳନ କରାଯାଉଛି। ୧୨୦ଟି ଦେଶରେ ଏହି ସଂସ୍ଥା ସକ୍ରିୟ। ଏହି ଅଣ ଲାଭକାରୀ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ଲଣ୍ଡନରେ ଅବସ୍ଥିତ। ଚିଲି, ଦକ୍ଷିଣ ଆଫ୍ରିକା, ମାଲେସିୟା ଏବଂ ଓମାନରେ ଏହାର ଶାଖା କାର୍ଯ୍ୟାଳୟମାନ ରହିଛି। ଉପଭୋକ୍ତାଙ୍କୁ ସେମାନଙ୍କ ଅଧିକାର ବାବଦରେ ସଚେତନ କରାଇବା ଲକ୍ଷ୍ୟ ନେଇ ଏହି ସଂସ୍ଥା ୧୯୬୦ରୁ କାର୍ଯ୍ୟ କରୁଛି।

**ଭବାଶିଷ ଦାସ**, ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୮୬୧୧୧୮୬୭୩

## ଓଡ଼ିଶା ରାଜ୍ୟ ଅସଂଗଠିତ ଶ୍ରମିକ ସଂଘ ସମନ୍ୱୟ କମିଟିର ବୈଠକ

ଚଣ୍ଡିଖୋଲ (ପିଏନ)-ଓଡ଼ିଶା ରାଜ୍ୟ ଅସଂଗଠିତ ଶ୍ରମିକ ସଂଘ ସମନ୍ୱୟ କମିଟିର ଏକ ବୈଠକ ଓ କର୍ମଶାଳା ଚଣ୍ଡିଖୋଲ ସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆବାହକ ନୃସିଂହ ଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ମାଣ ଶ୍ରମିକ ଓ ଅସଂଗଠିତ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରାଯିବା ସହ ଏହି କର୍ମଶାଳାରେ ସମସ୍ତ ଶ୍ରମିକ ନେତାମାନଙ୍କୁ କମ୍ପ୍ୟୁଟର ବ୍ୟବହାର ଏବଂ ବିଭିନ୍ନ ଡ଼ିଜିଟାଲ ଆପ୍ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥି ସହିତ ନିର୍ମାଣ ଶ୍ରମିକ ଶିକ୍ଷା ସହାୟତା ଦରଖାସ୍ତର ଶେଷ ତାରିଖ ୨୮/୨/୨୦୨୨ ଠାରୁ ୨ ମାସ ବଢାଇବା ଏବଂ ନିର୍ବାଚନ ଆଚରଣ ବିଧି ସମୟରେ ନିର୍ମାଣ ଶ୍ରମିକ ବାର୍ଷିକ ନବୀକରଣ ବନ୍ଦ ନକରିବାକୁ ଦାବୀ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଶ୍ରମିକ ଧନଜନ ଓ ଅଟଳ ପେନସନ ଯୋଜନାର ବୟସ ସୀମା ୫୦ବର୍ଷ କରିବା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ କରାଯାଇଥିଲା। ଏହି ଆଲୋଚନାରେ ଦୁର୍ଯ୍ୟୋଧନ ବେହେରା, ବିଶ୍ୱନାଥ ବେହେରା, ଅମୀୟ କୁମାର ପଣ୍ଡା, ଅମୁଲ୍ୟ କୁମାର ଭୋଇ, ଧିରେନ୍ଦ୍ର ନାୟକ, ନାରାୟଣ ନାୟକ, ଯଶୋବନ୍ତ ଭୁୟାଁ, ରାଜ କିଶୋର ଜେନା, ରମେଶ ଜେନା, ଦିନବନ୍ଧୁ ସାହୁ,କାର୍ତ୍ତିକ ବେହେରା, ବିଜୟ କୁମାର ନାୟକ, କୀର୍ତ୍ତନ ଚରଣ ମଲିକ ସମେତ ବହୁ ଶ୍ରମିକ ନେତା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି କର୍ମଶାଳାକୁ ଶ୍ରମିକ ନେତା ଶିବାଶିଷ ନାୟକ ପରିଚାଳନା କରିଥିଲେ। ଏଥିରେ କଟକ, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଯାଜପୁର, ସୁନ୍ଦରଗଡ଼, ଢେଙ୍କାନାଳ ଆଦି ଜିଲାରୁ ଶ୍ରମିକନେତାମାନେ ଯୋଗ ଦେଇଥିଲେ।

## ଉଦ୍‌ଘାଟିତ ହେଲା "ପ୍ରତୀକ୍ଷା" ଶିବିର




ଭୁବନେଶ୍ୱର (ପିଏନ୍): ପିଲାମାନେ ଦୀର୍ଘ ସମୟ ଧରି ଅନ୍‌ଲାଇନ୍ ପାଠ ସହିତ ଅନ୍‌ଲାଇନ୍ ସ୍କାଉଟ ଗାଇଡ୍ ପ୍ରତିଯୋଗିତାରେ ଭାଗ ନେଇ, ଖୋଲା ଆକାଶର କାର୍ଯ୍ୟକ୍ରମ ଲାଗି ବ୍ୟସ୍ତ ହେବା ଦେଖି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ରାଜ୍ୟ ମୁଖ୍ୟାଳୟ ପରିସରରେ ଆୟୋଜିତ "ପ୍ରତୀକ୍ଷା" ଶିବିର ଉଦ୍‌ଘାଟିତ ହୋଇଅଛି। ବହୁଦିନର ପ୍ରତିକ୍ଷା ପରେ ଆଜି ସ୍କାଉଟ ଗାଇଡ୍‌ର ପିଲାମାନେ ଏକତ୍ର ହୋଇ ବହୁତ ମଜା ଉଠାଉଥିବାର ଦେଖିବାକୁ ମିଳିଥିଲା। ଏହି ପ୍ରତୀକ୍ଷା ଶିବିରରେ ୧୨ଟି ଜିଲ୍ଲାରୁ ୪୫୦ରୁ ଊର୍ଦ୍ଧ୍ୱ ସ୍କାଉଟ, ଗାଇଡ୍,




ସ୍କାଉଟ ମାଷ୍ଟର, ଗାଇଡ୍ କ୍ୟାପଟେନ ଯୋଗଦାନ କରିଛନ୍ତି। ସକାଳୁ ପିଲାମାନେ ନିଜ ନିଜର ନିତ୍ୟକର୍ମ ସାରିବା ପରେ ପିଲାମାନେ ଏରୋବିକ୍ ମାଧ୍ୟମରେ ବ୍ୟାୟାମ କରିଥିଲେ। ପରେ ପରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଭାବକୁ ବୃଦ୍ଧି କରିବା ପାଇଁ ଏକ "ପେପର କ୍ରାଫ୍ଟ" ପ୍ରତିଯୋଗିତା କରାଯାଇଥିଲା ଏବଂ ପୂର୍ବାହ୍ନ ୧୦ ଘଟିକା ସମୟରେ ଶିବିର କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ପିଲାମାନଙ୍କପାଇଁ ପ୍ଲାଷ୍ଟିକର ବ୍ୟବହାର କିପରି ବନ୍ଦ କରାଯାଇପାରିବ, ପ୍ଲାଷ୍ଟିକର ବ୍ୟବହାର ସମାଜ ଉପରେ କିପରି ଖରାପ ପ୍ରଭାବ ପଡୁଛି ତାହାକୁ ଅତି ପ୍ରାଞ୍ଜଳ ଭାବରେ ପିଲାମାନଙ୍କୁ ବୁଝାଇ ଦିଆଯାଇଥିଲା, ପରେ ପରେ SDG Goal ଏବଂ ବିଶ୍ୱ ସ୍କାଉଟ ସଂଗଠନ ଦ୍ୱାରା ଯୁବପୀଢ଼ୀମାନଙ୍କ ମାଧ୍ୟମରେ ବିଶ୍ୱବ୍ୟାପୀ ଶାନ୍ତିର ବାର୍ତ୍ତା ପ୍ରଚାର ନିମନ୍ତେ Messenger of Peace କର୍ମଶାଳା ଆୟୋଜନ କରାଯାଇଥିଲା । ପିଲାମାନେ ଏହାର ଭରପୁର ଆନନ୍ଦ ଉଠାଇଥିଲେ। ଅପରାହ୍ନ ୪.୩୦ ଘଟିକା ସମୟରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ରଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ସଚିବ, ଅର୍ଥ ବିଭାଗ ଶ୍ରୀ ଅଶୋକ କୁମାର ରଥଙ୍କ ଉପସ୍ଥିତିରେ ଡଃ ମିଶ୍ର ସ୍କାଉଟ ଗାଇଡ୍ ମାନଙ୍କୁ ଉଦ୍‌ବୋଧନ ଦେବାକୁ ଯାଇ "ପ୍ରତୀକ୍ଷା" କ୍ୟାମ୍ପର ଉଦ୍ଦେଶ୍ୟ ସମ୍ବନ୍ଧରେ ଅତିଥିଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଶ୍ରୀ ରଥ ସ୍କାଉଟ ଓ ଗାଇଡ୍ ସଂଗଠନର ଅତୀତ ଦିନର କାର୍ଯ୍ୟକ୍ରମର ସ୍ମୃତିଚାରଣ କରିବା ସହିତ ଆଗକୁ ଛାତ୍ରଛାତ୍ରୀମାନଙ୍କ ସୁଦୂର ଭବିଷ୍ୟତକୁ ଆଖିଆଗରେ ରଖି ଏଭଳି ଏକ ଆୟୋଜନ କରିଥିବାରୁ ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ରଙ୍କ ଆଭିମୁଖ୍ୟ ଖୁବ୍ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ । ଏହି ପ୍ରତିକ୍ଷା କ୍ୟାମ୍ପରେ ସ୍କାଉଟ ଗାଇଡ୍‌ମାନେ ନିଜ ନିଜର ଅନ୍ତର୍ନିହିତ



ପ୍ରତିଭାର ପ୍ରଦର୍ଶନ କରିବାପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଥିଲେ । ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ପିଲାମାନଙ୍କୁ ଏପରି ପ୍ରତିକୂଳ ପରିସ୍ଥିତିରେ ଆସିଥିବାରୁ ତାଙ୍କ ଜିଲ୍ଲାଶିକ୍ଷାଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ସନ୍ଧ୍ୟାରେ ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ରାଜ୍ୟ ସଂଗଠନ କମିଶନର (ଗାଇଡ୍) ଏବଂ ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟିତ

ରାଇରଙ୍ଗପୁର : ତିରିଂ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ତିରିଂ ପରିସରରେ ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି କ୍ଷ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ଼କ୍ରସ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ଓସ୍ତା ସଙ୍ଘର ସଭାପତି ଚିତ୍ତ ରଞ୍ଜନ ପଳତା,ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷତ୍ରୀ ପ୍ରିୟଦର୍ଶିନୀ ସେଠୀ ପ୍ରମୁଖ ଯୋଗ ଦେଇ ମୂଲ୍ୟ ୍ୱାନ ପରାମର୍ଶ ଦେଇଥିଲେ ।ସେହିପରି ଦ୍ୱିତୀୟ ଦିବସରେ ମୂଖ୍ୟ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ବିଦ୍ୟାଳୟର ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ପରିବେଷଣ କରିଥିଲେ ଓ ମଞ୍ଚ ସଂଯୋଜନା ଶିକ୍ଷକ ପ୍ରଭାସ ପାତ୍ର ଓ ଗୌର ଚନ୍ଦ୍ର ମହାଳିକ ପରିଚାଳନା କରିଥିଲେ ଓ ତିରିଂ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ଼ ରାଧା



କାନ୍ତ ମହାରଣା, ସୁବଳ ଚନ୍ଦ୍ର ଦାସ ମହାପାତ୍ର,ବିମଳ କୁମାର ମହାନ୍ତ, ରଞ୍ଜନ କୁମାର ମହାନ୍ତ, ଶରତ କୁମାର ଘଣା ପ୍ରମୁଖ ଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଉତ୍ତରୀୟ ପ୍ରଦାନ ପୂର୍ବକ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରିଥିଲେ ଓଏଥିରେ ୩୦୦ ରୁ ଉର୍ଦ୍ଧ ଜୁନିୟର ଭାଗ ନେଇଥିଲେ ଓ ସେଣ୍ଟ୍ରାଲ ଅଫିସିୟାଲ ଭାବେ ହରିଶ୍ଚନ୍ଦ୍ର ରାଉତ, ବୀରେନ୍ଦ୍ର ଦଳେଇ, ଦୀପକ କୁମାର ରାମ,ପ୍ରଦୀପ ଚୌଧୁରୀ, ଅଭିନନ୍ଦନ ମହୁରୀ, ମନୋରଞ୍ଜନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ କ୍ଷ କାର୍ଯ୍ୟକ୍ରମ ପରିଚାଳନାରେ ତିରିଂ ବ୍ଲକ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ତିରିଂର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷାକର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ଓ ଜନ ସାଧାରଣ, ପୋଲିସ,ଦମକଳ ବାହିନୀ,ଚିକିତ୍ସାଳୟ ର କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

ସେଠୀ ଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ତିରିଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ବାସନ୍ତୀ ଲାକ୍ରା ଯୋଗ ଦେଇ ପତାକା ଉତ୍ତୋଳନ କରି ଏହି ଶିବିର କୁ ଉଦଘାଟନ କରିବା ସହ ବିଶ୍ୱର ସର୍ବ ଶ୍ରେଷ୍ଠ ସେବା ସଂସ୍ଥା ରେଡ଼କ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଶିବିରାର୍ଥୀ ମାନଙ୍କୁ ଉଦବୋଧନ ଦେଇଥିଲେକ୍ଷଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ଼କ୍ରସ ସମ୍ପାଦକ ଭାଗିରଥି ମଲ୍ଲିକ ଶିବିରର ଆଭିମୁଖ୍ୟ ଓ ନିୟମାବଳୀ ବର୍ଣ୍ଣନା କରିଥିଲେଓ ଜିଲ୍ଲା ଜୁନିୟର ରେଡ କ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ କରିଥିଲେ ଓ ସମ୍ମାନିତ ଅତିଥିଭାବେ ତିରିଂ ବ୍ଲକ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା,ବହଳଦା ଗୋଷ୍ଠୀ ଶିକ୍ଷାଅଧିକାରିଣୀ ସୁଶ୍ରୀ ଶୁଭଶ୍ରୀ ସିଂହ, ଜଲେନ ନାଏକ ଯୋଗ ଦେଇ ବନ୍ୟା, ବାତ୍ୟା, ରଥଯାତ୍ରା ସମୟରେ ରେଡ୍ କ୍ରସ୍ ର ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ ଓ ସମ୍ମାନୀୟ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ପ୍ରଭାସ କୁମାର ଦାସ ଯୋଗ ଦେଇ ରେଡ କ୍ରସର ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ ଓ ପ୍ରଶିକ୍ଷକ ଭାବେ ରାଜ୍ୟ ସାଧନକର୍ମୀ ଉମାକାନ୍ତ ବେହେରା, ରାଜ୍ୟ ସାଧନକର୍ମୀ ବାମନ ଚରଣ ମହାନ୍ତି, ରାଜ୍ୟ ସାଧନକର୍ମୀ ଡ଼ ରମାକାନ୍ତ ମହାନ୍ତ, ରାଜ୍ୟସାଧନକର୍ମୀ ତଥା ଜିଲ୍ଲା ରେଡ଼କ୍ରସ ସଂଯୋଜକ ଡ଼ ଶଶୀଧର ବିଶ୍ୱାଳ,ରାଜ୍ୟ ସାଧନକର୍ମୀ ସତ୍ୟ ନାରାୟଣ ଦାସ, ଜିଲ୍ଲା ସାଧନକର୍ମୀ ମିତା ହାଁସଦା ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନାର ସାଧନକର୍ମୀ ଚନ୍ଦନ କୁମାର ଦାସ, ପ୍ରମୁଖ ଯୋଗ ଦେଇଥିଲେ କ୍ଷସ୍ୱାଗତ ସଙ୍ଗୀତ ଓ ନୃତ୍ୟ ତିରିଂ ସରକାରୀ ଉଚ୍ଚ

### ପଞ୍ଚବଟୀ ଦୋଳ ମେଳଣ ଶାନ୍ତି କମିଟି ବୈଠକ



ଫୁଲନଖରା (ପିଏନ୍)-ପାହାଳ ଥାନା ଜୟରଶାସନ ଅନ୍ତର୍ଗତ ପଞ୍ଚବଟୀଠାରେ ପଞ୍ଚବଟୀ ଦୋଳ ମେଳଣ ପ୍ରସ୍ତୁତି ବୈଠକ ସୁବଳ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାହାଳ ଥାନା ଆଇଆଇସି ଷ୍ଟାଲିନ ବିଶ୍ୱାଳ, ନଳିନୀକୁମାର ସ୍ୱାଇଁ, କେଳୁଚରଣ ଖୁଣ୍ଟିଆ, ମହେଶ୍ୱର ଦାସ, ଯୁଧିଷ୍ଠିର ପରିଜା, ମୁରଲୀଧର ପଣ୍ଡା, ସନାତନ ପରିଜା, ହର୍ଷବର୍ଦ୍ଧନ ସାହୁ, ଦେବେନ୍ଦ୍ରନାଥ ଛୋଟରାୟ, ବନମାଳି ପ୍ରଧାନ, ରାଜେନ୍ଦ୍ର ପରିଜା, ଦୁର୍ଗାଚରଣ ମହାପାତ୍ର, ପ୍ରଭାତ ଦାସ, ବିକ୍ରମ ବେହେରା ପ୍ରମୁଖ ଯୋଗଦେଇ ମେଳଣ ସୁପରିଚାଳନା ପାଇଁ ଆଲୋଚନା କରିଥିଲେ। ଚଳିତ ବର୍ଷ ବାଣ, ରୋଷଣୀ ଓ ଡିଜେକୁ ବନ୍ଦ କରାଯାଇଥିଲାବେଳେ କେବଳ ପାରମ୍ପରିକ ବାଦ୍ୟକୁ ଅନୁମତି ଦିଆଯାଇଛି। ସେହିପରି ମୀନା ବଜାର ସମ୍ପର୍କରେ ପରେ ନିଷ୍ପତ୍ତି ନିଆଯିବବୋଲି ଆଇଆଇସି ଶ୍ରୀ ବିଶ୍ୱାଳ ଘୋଷଣା କରିଥିଲେ। ଆସନ୍ତା ୨୨ତାରିଖରେ ଦୋଳଯାତ୍ରା ଓ ୨୩ତାରିଖରେ ଏକଦିବସୀୟ ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜୟ ସିଂଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। ଏହି ଚୁକ୍ତି ଅନୁସାରେ ଉଭୟ ପକ୍ଷ ଛାତ୍ର ଓ ଶିକ୍ଷକ ବିନିମୟ, ଗବେଷଣା, ଶିଳ୍ପ ଭିତ୍ତିକ କାର୍ଯ୍ୟକ୍ରମ ତଥା ସ୍ୱଳ୍ପ କାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଇବା ପାଇଁ ଅନୁବନ୍ଧିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପକ୍ଷରୁ ପ୍ରାଧ୍ୟାପକ ଡଃ. ଜ୍ଞାନୀନ୍ଦ୍ର ଦାଶ, ରଞ୍ଜିତ କୁମାର ଦାସ, ଅଧ୍ୟାପକ ଡଃ. ସୁରେଶ ଚନ୍ଦ୍ର ଦାସ ଅଂଶଗ୍ରହଣ କରିଥିବା ବେଳେ ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ନିର୍ଦ୍ଦେଶକ ରବିନାରାୟଣ ଶତପଥୀ, ପ୍ରବନ୍ଧକ ଡି.ପି. ସାହୁ, କମର୍ସ ମ୍ୟାନେଜମେଣ୍ଟ ବିଭାଗ ପ୍ରଫେସର ଧଳ, ପ୍ରଫେସର ସୁନିଲ ଏବଂ ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚୁକ୍ତିନାମା ଯୋଗୁଁ ମହାବିଦ୍ୟାଳୟ ପରିସର ଏବଂ ବୁଦ୍ଧିଜୀବି ମହଲରେ ଖୁସିର ବାତାବରଣ ଖେଳି ଯାଇଛି।




# ମା ଗହୀର ବଘେଇ ପୀଠରେ ମାନସିକ ଝାମୁଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମ ସ୍ଥିତ ଆରାଧ୍ୟ ଦେବୀ ମା ଗହୀର ବଘେଇ ପୀଠରେ ମାନସିକ ଝାମୁଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଧାର୍ମିକ ପରମ୍ପରାର ଅନୁଯାଇ ବିଭିନ୍ନ ସ୍ଥାନରୁ ମାନସିକଧାରୀ ଶ୍ରଦ୍ଧାଳୁ ଶୁଦ୍ଧପୁତ ଭାବରେ ସ୍ନାନ କରି ନିଷ୍ଠାର ସହ ହବିଷାନ୍ନ ସାରି ରହିଥାନ୍ତି। ପରେ ଢୋଲ, ମର୍ଦ୍ଦଳ, ଘଣ୍ଟ,ଘଣ୍ଟା ପଟୁଆର ସହ ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଗ୍ରାମ୍ୟ ପରିକ୍ରମା କରି ମା'ଙ୍କ ଆସ୍ଥାନରେ ପହଂଚି ନିଆଁରେ ଚ଼ାଲି ଭାବମୟ ପରିବେଶ ସୃଷ୍ଟି ହୋଇଥାଏ।ଲୋକକଥା ଅନୁଯାୟୀ ଦୀର୍ଘ ୮୪ ବର୍ଷ ପୂର୍ବେ? ଗ୍ରାମର କିଛି ଯୁବକ ଗାଈ ଚ଼ରାଉଥିବା ସମୟରେ ଗ୍ରାମର ଆରାଧ୍ୟ ଦେବୀଙ୍କର ଆସ୍ଥାନରେ ଏକ ତେନ୍ତୁଳି ଗଛ ମୂଳରୁ କିଛି କାଠକୁ ଭାଙ୍ଗି ଝାମୁଯାତ୍ରା ପ୍ରତିକାତ୍ମକ ରୁପେ ମଉଜ ମଜଲିସ କରିବା ପାଇଁ କାଠରେ ଅଗ୍ନି ସଂଯୋଗ କରି ଝାମୁ ଚ଼ାଲିଥିବା ବେଳେ ଦୁର୍ଭାଗ୍ୟର ବିଷୟ ସମସ୍ତ ଯୁବକ ନିଆଁରେ ଆହତ ହୋଇଥିଲେ । ପ୍ରତ୍ୟେକ ବର୍ଷ ବୈଶାଖ ମାସ ଦିତୀୟ ଶନିବାର ଦିନ ଝାମୁଯାତ୍ରା କରିବାକୁ ମା ସ୍ୱପ୍ନାଦେଶରେ ଆସି କହିଥିଲେ। ସେହି ଦିନଠାରୁ ପରମ୍ପରାଟି ଚ଼ାଲି ଆସୁ ଥିବା ସମୟରେ ଅନ୍ୟ ଏକ ବିଶେଷତ୍ୱ ହେଲା ଯଦି ଅଞ୍ଚଳରେ କାହାର ପାଳିତ ଗାଈ ଗୋରୁ ହଜିଯାଏ ତେବେ ବ୍ୟବହୃତ ପଘାକୁ ମା'ଙ୍କ ପାଖରେ ନେଇ ମାନସିକ କରି ମନ୍ଦିର ପାଖରେ ରଖି ଦେଇ ଆସିଥାନ୍ତି। ତେବେ ଦୁଇ ଦିନ ମଧ୍ୟରେ ହଜିଯାଇଥିବା ଗୃହ ପାଳିତ ପଶୁ ଆସି ଶୋଇଥିବାର ବର୍ତ୍ତମାନ ସୁଦ୍ଧା ଲୋକ ମାନଙ୍କ ଦୃଢ଼ ବିଶ୍ୱାସ ରହି ଆସିଛି ବୋଲି ପ୍ରତ୍ୟକ୍ଷଦର୍ଶୀ ଗ୍ରାମବାସୀ ମାନେ କହିଛନ୍ତି।ପରେ ମାଳିକ ମା'ଙ୍କ ପାଖରେ କ୍ଷୀର ଓ ଲିଆ ଭୋଗ ଲାଗି କରିବା ସହ କିଛି ଲୋକ ମାନସିକ ଝାମୁ ମଧ୍ୟ କରିଥାନ୍ତି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ,ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଓ ସରପଂଚ଼ ରଞ୍ଜିତା ମହାଭୋଇଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସନ୍ଧ୍ୟାରେ ଗାୟକ ନିରଞ୍ଜନ ସ୍ୱାଇଁ ଓ ପରମାନନ୍ଦ ମଲ୍ଲିକଙ୍କ ଦ୍ୱାରା ପାଲା ଓ ସ୍ଥାନୀୟ ଗ୍ରାମ୍ୟ କଳାକାର ମାନଙ୍କ ଦ୍ୱାରା ମୁକ୍ତମଞ୍ଚ ନାଟକ ପରିବେଷଣ ହେବ ବୋଲି ସୂଚ଼ନା ଦେଇଛନ୍ତି।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ। ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସି ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଇଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଉଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଇଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଉଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

# କର୍ମଚ଼ାରୀଙ୍କ ସମସ୍ୟା ସମାଧାନ ନିମନ୍ତେ ପ୍ରତିଶୃତି ରଖିଲେ ବନ୍ଦର ଅଧକ୍ଷ

ପାରାଦୀପ ,(ପି.ଏନ): ଦୀର୍ଘଦିନ ହେବ ପାରାଦୀପ ବନ୍ଦର ଠିକା ବା ଡିଏଲଆର କର୍ମଚ଼ାରୀ ମାନଙ୍କ ଅପଗ୍ରେଡେସନ (କ୍ରମୋନ୍ନତି) ଓ ରେସନାଲାଇଜେସନ (ଯୁକ୍ତିକରଣ) ସହିତ ଅନ୍ୟାନ୍ୟ ଦାବୀ କରିଆସୁଥିଲା ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ (ଏଚ୍‌ଏମଏସ) । ତେବେ ଉକ୍ତ ଦାବୀ ଗୁଡିକୁ ବିଚ଼ାର କରି ୟୁନିଅନ କୁ ଦେଇଥିବା ପ୍ରତିଶୃତି ରକ୍ଷାକରି ସମସ୍ୟା ର ସମାଧାନ ପାଇଁ ବନ୍ଦର ଅଧକ୍ଷ ଏକ ୯ ଜଣିଆ କମିଟି ଗଠନ କରିଛନ୍ତି କ୍ଷ ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅପରାହ୍ନରେ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, ଉପସଭାପତି ଗୁଣନିଧି ଚୌଧୁରୀ, କୋଷାଧ୍ୟକ୍ଷ ବ୍ରିଜେଶ କୁମାର ଲେଙ୍କା, କାର୍ଯ୍ୟକାରୀ ସଭ୍ୟ ସଂଗ୍ରାମ ପଟ୍ଟନାୟକ, ଲଳିତ ମହାପାତ୍ର, ଅଭିତାଂଶୁ ରଥ, ସୂର୍ଯ୍ୟ ନାରାୟଣ ବାରିକ, ପ୍ରସନ୍ନ ବଳ ଏବଂ ଅନ୍ୟ କର୍ମକର୍ତ୍ତା ଓ କର୍ମଚ଼ାରୀ ମାନେ ବନ୍ଦର ଅଧକ୍ଷ ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଫୁଲତୋଡ଼ା ଦେଇ ଧନ୍ୟବାଦ ଜଣାଇବା ସହିତ ଡିଏଲଆର ଏବଂ ବନ୍ଦର କର୍ମଚ଼ାରୀ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଆଲୋଚ଼ନା କରିଥିଲେ । ସେଥିମଧ୍ୟରେ ବନ୍ଦରରେ କାର୍ଯ୍ୟରତ ଅନୁକମ୍ପାମୂଳକ ନିଯୁକ୍ତି ରେ ଥିବା ଡିଏଲଆର କର୍ମଚ଼ାରୀ ସ୍ପୋସିଆଲ କାଟାଗୋରି ରେ ଅନ୍ତର୍ଭୁକ୍ତ କରିବା, ଆଇଓଏଚ୍‌ପି ଡିଭିଜନ ରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଏବଂ ବନ୍ଦର କର୍ମଚ଼ାରୀ ମାନଙ୍କ ପ୍ରମୁଖ ଦାବୀ ଉପରେ ଆଲୋଚ଼ନା କରାଯାଇଥିଲା କ୍ଷ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ସମସ୍ତ ବିଷୟ ଉପରେ ବିଚ଼ାର କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ୟୁନିଅନ କର୍ମକର୍ତ୍ତା ଙ୍କୁ ପ୍ରତିଶୃତି ଦେବା ସଙ୍ଗେ ସଙ୍ଗେ ବିଭାଗୀୟ ଅଧିକାରୀ ମାନଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଥିବା ନେଇ ୟୁନିଅନ ପକ୍ଷରୁ ସୂଚ଼ନା ମିଳିଛି । ତେବ ଏସମସ୍ତ କାର୍ଯ୍ୟ ୟୁନିଅନ ର ସଭାପତି ଡ଼ଃ.ବିଭୁ ପ୍ରସାଦ ତରାଇ ଙ୍କ ଦୃଢ଼ ନେତୃତ୍ୱ ଓ ଦିଗଦର୍ଶନ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ସାଧାରଣ ସମ୍ପାଦକ ଶ୍ରୀ ଶତପଥୀ କହିଛନ୍ତି ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି। ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ। କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ। ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି। ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗଡିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି-ବୁକୁକିଆ ରାସ୍ତାରେ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି-ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି। ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡ଼ିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)–କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା। ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ।




2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada


# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢ଼ୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ୟତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ଖେଳ ପର୍ଯ୍ୟବେକ୍ଷକ
Bhubaneswar Sunday April 27 ଭୁବନେଶ୍ୱର ରବିବାର, ୨୭, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ରାଜ୍ୟ ସ୍ତରୀୟ ଟି -ଟ୍ୱେଣ୍ଟି କୋଣାର୍କ କପ କ୍ରିକେଟ ଟୁର୍ଣ୍ଣାମେଂଟ




କୋଣାର୍କ,(ପି,ଏନ) : କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ପ୍ରଥମ ରାଜ୍ୟ ସ୍ତରୀୟ କୋଣାର୍କ କପ ଟି ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଂଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ରାଉରକେଲା ସ୍ପ ?ର୍ଟସ ଏକାଡେମୀ କୁ ଆଠ ଉଇକେଟରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ଫାଇନାଲ ରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ରାଉରକେଲା ସ୍ପୋର୍ଟସ ଏକାଡେମୀ ୧୯.୪ ଓଭର ସମସ୍ତ ୱିକେଟ ହରାଇ ମାତ୍ର ୧୨୯ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅଭିଷେକ ଚମ୍ପତି ୧୧ ବଲରେ ୩୨ ରନ ସଂଗ୍ରହ କରିଥିଲେ । ରାମେଶ୍ୱର ସ୍ପୋର୍ଟିଂର ଆଶୁତୋଷ ନାୟକ ୩.୪ ଓଭର ବୋଲିଂ କରି ୩୨ ରନ ଦେଇ ୪ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୧୬ ଓଭର ରେ ଦୁଇ ୱିକେଟ ହରାଇ। ୧୩୩ ରନ ସଂଗ୍ରହ କରି ଆଠ ଉଇକେଟରେ ବିଜୟୀ ହୋଇଥିଲେ । ରାମେଶ୍ୱର ସ୍ପ ?ର୍ଟିଂ ପକ୍ଷରୁ ଏମ୍ ଜି ଗୋପାଳ ସର୍ବାଧିକ ୨୫ ବଲରୁ ୪୦ ରନ, ସଂଗ୍ରହ କରିଥିଲେ । ରାଉରକେଲାର ଅଭିଷେକ ସିଂ ଦୁଇ ୱିକେଟ ଅକ୍ତିଆର କରିଥିଲେ । ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ଏମ୍ ଜି ଗୋପାଳ ମ୍ୟାନ ଅଫ୍ ମ୍ୟାଚ୍ ଭାବେ ସୁଶାନ୍ତ କୁମାର ମହାନ୍ତି ଅର୍ଥ ରାଶି ପ୍ରଦାନ କରିଥିଲେ । ଓସିଏ ପ୍ୟାନେଲ ଆମ୍‌ପେୟାର ସତ୍ୟରଞ୍ଜନ ମହାପାତ୍ର ଓ ଦେବେନ୍ଦ୍ର ନାଥ ମିଶ୍ର , ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ କୁ ପରିଚ୍ଛାଳନା କରିଥିଲେ । ଧିରେନ୍ ଚ୍ଛାନ୍ଦ ପିଚ୍ କ୍ୟୁରେଟର ଓ ରାଜେନ୍ଦ୍ର ଦଳାଇ, ଦୀପ୍ତିରଞ୍ଜନ ବାରିକ ସ୍କୋର ବୋର୍ଡ ପରିଚ୍ଛାଳନା କରିଥିଲେ । ଉଦଘୋଷକ ଭାବେ ପ୍ରଶାନ୍ତ ପାତ୍ର, ସଂଗ୍ରାମ ଭୋଳ ଦାୟିତ୍ୱ ସମ୍ପର୍ନ୍ନ କରିଥିଲେ । ରାଜ୍ୟ ସ୍ତରୀୟ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ କୋଣାର୍କ ସ୍ପୋର୍ଟିଂ ଏକାଡେମୀର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚ୍ଛାଳନା କରିଥିଲେ ।

## ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବାଲିଅନ୍ତା ପ୍ରଶାସନ ଏକାଦଶ ଚମ୍ପିୟାନ



ବାଲିଅନ୍ତା,(ପି.ଏନ) : ବାଳକାଟି କଲେଜ ପଡିଆରେ ବାଲିଅନ୍ତା ପ୍ରଶାସନ ଏକାଦଶ ଏବଂ ବାଲିଅନ୍ତା ମେଡିଆ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍‌କୁ ବାଲିଅନ୍ତା ତହସିଦାର ବିମଳ ଚନ୍ଦ୍ର ଲେଙ୍କା ଉଦଘାଟନ କରିଥିଲେ । ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ଜାମ୍ମୁକାଶ୍ମୀର ପହଲ ଗାଁଓରେ ଆତଙ୍କବାଦୀ ଆକ୍ରମଣରେ ନିହତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ଦଳର ଖେଳାଳୀ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପ୍ରଶାସନ ଏକାଦଶ ମେଡିଆ ଏକାଦଶଙ୍କୁ ହରାଇ ଚମ୍ପିୟାନ ହୋଇଛି । ୩ ଟି ମ୍ୟାଚ୍ ବିଶିଷ୍ଟ ଏହି ମ୍ୟାଚ୍‌ରେ ୨ ଟି ମ୍ୟାଚ୍ ବିଜୟୀ ହୋଇ ଚମ୍ପିୟାନ ହୋଇଥିଲେ ପ୍ରଶାସନ ଏକାଦଶ । ଏଥିରେ ବାଲିଅନ୍ତା ତହସିଲର କର୍ମକର୍ତ୍ତା ଖେଳିଥିଲେ କ୍ଷ ପ୍ରଥମ ମ୍ୟାଚ୍‌ରେ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ଓଭରରେ ୮୧ ରନ କରିଥିଲା । ଜବାବରେ ମେଡିଆ ଏକାଦଶୀ ମାତ୍ର ୭୪ ରନ କରିଥିଲା । ଏହି ମ୍ୟାଚ୍‌କୁ ପ୍ରଶାସନ ଏକାଦଶ ଜିତି ନେଇଥିଲା କ୍ଷ ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ମେଡିଆ ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୪୯ ରନ କରିଥିଲା । ଏହାର ଜବାବରେ ୪ ଓଭରରେ ଏହି ମ୍ୟାଚ୍ ଜିତି ଚମ୍ପିୟାନ ହୋଇଥିଲା । ଏଥିରେ ଅତିଥିଭାବେ ବାଲିଅନ୍ତା ତହସିଲଦାର ଶ୍ରୀ ଲେଙ୍କା, ବରିଷ୍ଠ ସାମ୍ବାଦିକ ତଥା ସୂଚ୍ଛନା ଓ ଲୋକସମ୍ପର୍କ ବିଭାଗର ଅବସରପ୍ରାପ୍ତ ଅଧିକାରୀ କିଶୋର ଚନ୍ଦ୍ର ନାୟକ, ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ପ୍ରମୁଖ ଯୋଗଦେଇ ବିଜୟୀ ଓ ପରାଜୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

## କିସ୍ ପକ୍ଷରୁ ପହେଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,(ପି.ଏନ): କିସ୍ ପକ୍ଷରୁ ପହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକମାନଙ୍କ ପ୍ରତି ଆଜି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି । ଏହି ଅବସରରେ କିସ୍ ବିଶ୍ୱବିଦ୍ୟାଳୟର ୧୦ ହଜାର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ମହମବତୀ ଜାଳି ନିରବ ପ୍ରାର୍ଥନା କରିଥିଲେ। ଛାତ୍ରଛାତ୍ରୀମାନେ ଆତଙ୍କବାଦୀ ଆକ୍ରମଣରେ ନିହତ ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏଥିରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ କିସ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚ୍ଛାରୀ ଉପସ୍ଥିତ ରହି ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀ ସାମନ୍ତ ଆତଙ୍କବାଦୀଙ୍କ ଏହି ବର୍ବର ଓ ଅମାନବିକ କାର୍ଯ୍ୟର ଦୃଢ ନିନ୍ଦା କରିବା ସହ ମୃତକଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଥିଲେ । କିସ୍ ବିଶ୍ୱବିଦ୍ୟାଳୟର ଗ୍ରୀଷ୍ମ ଅବକାଶରେ ଛାତ୍ରଛାତ୍ରୀମାନେ ନିଜ ନିଜ ଘରକୁ ଚ୍ଛାଲିଯିବା ପୂର୍ବରୁ ଆଜି ଏହି ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା।

## ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲ୍ଲା ସ୍ତରୀୟ ଜୟନ୍ତୀ ପାଳିତ



ଜଗତସିଂହପୁର, (ପି ଏନ ) ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଙ୍କ ଜିଲ୍ଲା ସ୍ତରୀୟ ଜୟନ୍ତୀ ସମାରୋହ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଆଜି ପୂର୍ବାହ୍ନ ରେ ଅନୁଷ୍ଠିତ ହୋଇଯାଇଛି କ୍ଷ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଫଟୋ ଚ୍ଛିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।ଏହି ସଭାରେ ସମ୍ମାନନୀୟ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ସଭାପତିତ୍ୱ କରି ନିଜ ବକ୍ତବ୍ୟ ରେ କହିଲେ ଯେ,ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାରେ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଙ୍କ ଅବଦାନ ଚ୍ଛିର ସ୍ମରଣୀୟ, ସେ ଖଣ୍ଡ ବିଖଣ୍ଡିତ ଓଡିଶାକୁ ଏକତ୍ରିକରଣ ର ବୀଜ ବୁଣିଥିଲେ । ତେଣୁ ସମସ୍ତେ ତାଙ୍କର ତ୍ୟାଗ ଓ ତିତିକ୍ଷା ରୁ ଶିକ୍ଷା ଲାଭ କରିବା ଆବଶ୍ୟକ ବୋଲି ସେ କହିଥିଲେ ।ସଭାରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶ୍ରୀ ମହେନ୍ଦ୍ର କୁମାର ଆଚ୍ଛାର୍ଯ୍ୟ ନିଜ ବକ୍ତବ୍ୟରେ ଅତୀତକୁ ଜାଣିବା ଏବଂ ଅତୀତକୁ ମନେ ପକେଇ ଆଗକୁ ବଢିବାକୁ କହିଥିଲେ । ଅତୀତରେ ଆମ ପୂର୍ବ ପୁରୁଷ ଙ୍କ ବଳିଦାନ ଯୋଗୁଁ ଆମ ଭବିଷ୍ୟତ ଖୁବ ସୁମଧୁର ହେଇଥିବାରୁ ସେମାନଙ୍କ ସ୍ମୃତିଚ୍ଛାରଣ ହେଲେ ତାଙ୍କ ତ୍ୟାଗକୁ ଆମେ ଯଥେଷ୍ଟ ସମ୍ମାନ ଦେଇପାରିବା । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନୀ ଅନେକ ଜୀବନକୁ ସୃଜନଶୀଳ କରିବାକୁ ପ୍ରୋତ୍ସାହିତ କରି ଓଡିଆ ଭାଷା,ସାହିତ୍ୟ,ସଂସ୍କୃତି କୁ ଆଗକୁ ବଢେଇବାରେ କର୍ଣ୍ଣଧାର ସାଜିଥିଲା । ବରପୁତ୍ରଙ୍କ ଜୀବନୀ ଜାଣିବା ରେ କୁଣ୍ଠା ବୋଧ ନ କରିବାକୁ ବର୍ତ୍ତମାନ ର ଯୁବପିଢୀ କୁ ଉପଦେଶ ଦେଇଥିଲେ । କୃଷ୍ଣଚନ୍ଦ୍ର ଗଜପତି ଓଡିଶାର ଭାଷା ବଞ୍ଚ ?ଇବା ପାଇଁ ଲଢେଇ କରିଥିଲେ । କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନରୁ ସାଲିଶ ବିହୀନ ମାନସିକତା କୁ ହଟେଇ ଅନ୍ୟାୟ ବିରୁଦ୍ଧରେ ମୁହଁ ଖୋଲି ଆଗକୁ ବଢିବାକୁ ଶିଖିବା ଦରକାର ବୋଲି ସେ କହିଥିଲେ । ସଭାରେ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଜେନା ମଧ୍ୟ ତାଙ୍କ ଅଭିଭାଷଣ ରେ ପାରଳା ମହାରାଜା ଙ୍କ ଓଡ଼ିଶା ଗଠନର ସଂଗ୍ରାମ ଓ ତାଙ୍କ ଅବଦାନ ବ୍ୟକ୍ତ କରିଥିଲେ। ଜଣେ ସୁଦକ୍ଷ ପ୍ରଜା ବତ୍ସଳ ରାଜା ଙ୍କର ପ୍ରତ୍ୟେକ ଟି ଗୁଣ ତାଙ୍କ ପାଖରେ ଭରି ରହିଥିଲା ।ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ତହସିଲଦାର,ବିରିଡ଼ି, ଶ୍ରୀ ସଞ୍ଜୟ କୁମାର ବେହେରା, ଜିଲ୍ଲା ସୂଚ୍ଛନା ଓ ଲୋକସଂପର୍କ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ପେହେଲାଗାମ୍, ଜାମ୍ମୁକାଶ୍ମୀରୀ ଗଣ ହତ୍ୟା ବିରୁଦ୍ଧରେ ହିନ୍ଦୁ ଏକତା ମଞ୍ଚ ଭାରତ ସଂଗଠନ ର ପ୍ରତିବାଦ ସଭା



ଭୁବନେଶ୍ୱର,(ପି.ଏନ): ଜାମୁ କାଶ୍ମୀରୀ ପହଲଗାମ ଠାରେ ଗତ ତା ୨୨ ୦୪. ୨୫ରିଖରେ ପାକିସ୍ତାନୀ ଆତଙ୍କବାଦୀ ମାନଙ୍କ ଦ୍ୱାରା ବର୍ବୋରୋଚ୍ଛିତ ଆକ୍ରମଣ ରେ ସହିଦ ହୋଇଥିବା ୨୬ ଭାରତୀୟ ଓ ଦୁଇ ବିଦେଶୀ ପର୍ଯ୍ୟଟକ ବିଶେଷକରି ହିନ୍ଦୁ ପର୍ଯ୍ୟଟକ ଙ୍କ ପ୍ରତିବାଦରେ ଅଜି ତା ୨୫. ୦୪.୨୫ରି ଖ ସଂଧରେ କଟକ ପାଲା ମଣ୍ଡପ ନିକଟରେ ହିନ୍ଦୁ ଏକତା ମଞ୍ଚ ଭାରତ ସଂଗଠନ ଆନୁକୂଲ୍ୟତେ ଏକ ପ୍ରତିବାଦ ସଭା ସଂଗଠନ ର ସଭାପତି ଶ୍ରୀ ପ୍ରଦୀପ୍ତ କୁମାର ଜେନା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା. ଏହି ସଭାରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟଏହି ବର୍ବୋରୋଚ୍ଛିତ ହତ୍ୟା କାଣ୍ଡକୁ ଘୋର ନିନ୍ଦା କରିବା ସହିତ ଆଗାମୀ ଦିନରେ ହିନ୍ଦୁ ଏକଜୁଟ ନ ହେଲେ ଏହି ପ୍ରକାର ବିପଦ ର ସାମ୍ନା କରିବାକୁ ପଡିବ ବୋଲି ମତ ଦେଇଥିଲେ ଓ ପାକିସ୍ତାନ ବିରୁଧରେ କେନ୍ଦ୍ରାସରକାର ଦୃଢ଼ ପଦକ୍ଷେପ ନେବାର ସମୟ ଆସିଛି ବୋଲି ମତ ଦେଇଥିଲେ ।ଉକ୍ତ ପ୍ରତିବାଦ ସଭାରେ ରାଜେନ୍ଦ୍ର ମହାପାତ୍ର ହୃଷିକେଶ ନନ୍ଦ ଡକ୍ଟର ପି ଏଲ ନାୟକ ପ୍ରଣାକୃଷ୍ଣ ଜେନା ରବିନାରାୟଣ ଦାଶ,ସନ୍ତୋଷ ସାହୁ କୈଳାଶ ଚନ୍ଦ୍ର ବସ୍ତିଆ ଡକ୍ଟର ଅର୍ଜୁନ ଚ୍ଛରଣ ମଲ୍ଲିକ, ଟୁଟୁ ପାତ୍ର ରୋଜାଲିନି ବସ୍ତିଆ ସୁଶାନ୍ତ ପାତ୍ର ପ୍ରଭାତ ମହାପାତ୍ର, ନୃସିଂହ ଚ୍ଛରଣ ସାମଲ ରଘୁନାଥ ବାରିକ ରାଦୀପ୍ତ ରାୟ ଗଗନ ବିହାରୀ ନନ୍ଦ କାମଦେବ ପାତ୍ର ସୁରେନ୍ଦ୍ର ମହାପାତ୍ର ପୃଥ୍ୱୀରାଜ ରାଉତ ବାମନ ଚ୍ଛରଣ ସାହୁ ବାବୁ ଖଟୁଆ କମଳେଶ ଗୁପ୍ତା ପ୍ରଭୃତି ଯୋଗ ଦେଇଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray